## ଜୟପୁର 'ରହାଗିରି'ରେ ପ୍ରବଳ ଭିଡ଼

# ଓଲିଉଡ଼ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଲେ ଦର୍ଶକ






ଜୟପୁର,୧୪ ।୧୨(ସମିସ): ଆଜି ଜୟପୁର ସହରର ମୁଖ୍ୟରାସ୍ତାରେ ପୂର୍ବାହ୍ନରେ ପଥୋତ୍ସବ (ରହାଗିରି) ଆୟୋଜିତ ହୋଇଥିଲା । ଏହି ପ୍ରୟାସକୁ ପ୍ରତିବର୍ଷ ବଜାୟ ରଖିବାକୁ ଚେଷ୍ଟା ଜାରି ରଖିବେ ବୋଲି ଆଜି ସଭା ମଞ୍ଚରେ କହିଛନ୍ତି ପଥୋତ୍ସବର ମୁଖ୍ୟ ଆୟୋଜକ ଭୂମିକା ନେଇଥିବା ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ. ସସ୍ୟାରେ‡ୀ । ଓଡିଆ ସିନେମାର ଅଭିନେତ୍ରୀ ତଥା ଗାୟିକା ଡା .ଅନୁରାଧା ପାଣିଗ୍ରାହୀ ଓ ଇଣ୍ଡିଆନ ଆଇଡଲର ଗାୟକ ବିଶ୍ୱଜିତ ମହାପାତ୍ରଙ୍କ ମନଛୁଆଁ ଗୀତରେ ସାରା ଜୟପୁରବାସୀ ଝୁମି ଉଠିଥିଲେ । ପୁଣିଥରେ ସୃଷ୍ଟି ହୋଇଥିବା ଏହି ଉତ୍ସବ ଜୟପୁରବାସୀଙ୍କ ମନରେ ଭରି ଦେଇଥିଲା ନିଆରା ଅନୁଭୂତି । ପ୍ରବଳ ଶୀତରେ ଆଜି ସକାଳରେ ୭ ଟା ପ୍ରାୟ ୧୦ ହଜାର ଲୋକଙ୍କ ସମାବେଶରେ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଜୟପୁର ମୁଖ୍ୟ ରାସ୍ତାରେ ମସ୍ତି କରିବାକୁ ନଥିଲା କେ?ଣସି ଅଟକ । ପିଲାଙ୍କ ଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତେ ନାଚିଲେ ଗାଇଲେ ଶିଖିଲେ ଶିଖାଇଲେ । ଶୀତୁଆ ରବିବାର ସକାଳକୁ ରାଜରାସ୍ତାରେ ମନଭରି ଉପଭୋଗ କଲେ । ସାଢେ ୩ଘଣ୍ଟାର ଉତ୍ସବରେ ଏମିତି ମଜିଗଲେ ଯେ ସମୟ କେତେବେଳେ ସରିଗଲା ଜାଣିପାରିଲେ ନାହିଁ । ଅନେକ ସ୍ମୃତି ଓ ଅନୁଭୂତି ସାଙ୍ଗକୁ କିଛି କଳା ଓ କୌଶଳ ନେଇ ଘରକୁ ଫେରିଲେ ସହରବାସୀ । ଏହାକୁ ସଫଳ କରିବାକୁ ଜିଲ୍ଲାପ୍ରଶାସନ ଯେପରି ବ୍ୟବସ୍ଥା ଗ୍ରହଣ କରିଥିଲା ତାହାଠୁ ଅଧିକ ବ୍ୟବସ୍ଥିତ ଭାବେ ସହଯୋଗ କରିଥିଲେ ସହରବାସୀ । ରାଜରାସ୍ତାରେ ଏକାଠି ହୋଇଥିଲ ଜୟପୁର ବାସିନ୍ଦା ଗୌଡ ସାହିର ୱେଲ୍ କମ୍ ଛକ ଯାଏ ଲାଗିଥିବା ଷ୍ଟଲ ଗୁଡିକରେ ମନୋରଞ୍ଜନ ଶିକ୍ଷାଧର୍ମୀ ବିଷୟବସ୍ତୁ ଜୟପୁରବାସୀଙ୍କୁ ଯୋଗାଇଥିଲା ମନୋରଞ୍ଜନର ଖୋରାକ । ମଞ୍ଚରେ ପ୍ରଥମେ ଜୟପୁର କଳାକାରଙ୍କ ନୃତ୍ୟ ପରିବେଷଣ ହୋଇଥିଲା । ଏହିପରି ଜୟପୁର ସହରର ବିଭିନ୍ନ ଡ୍ୟାନ୍ସ ଗ୍ରୁପର କଳାକାର ମାନେ ନିଜ ନିଜ ପ୍ରତିଭା ଦେଖାଇଥିଲେ । ଏତିକିରେ ସୀମିତ ନଥିଲା ପଥୋତ୍ସବ । ଶୀତୁଆ ସକାଳକୁ ଆହୁରି ମନୋରଞ୍ଜନ କରିବା ନିମନ୍ତେ ଆସିଥିଲେ ଚଳଚ୍ଚିତ୍ର ଅଭେନେତ୍ରୀ ଅନୁରାଧା ପାଣିଗ୍ରାହୀ ଓ ଇଣ୍ଡିଆନ ଆଇଡଲର ଗାୟକ ବିଶ୍ୱଜୀତ ମହାପାତ୍ର । ବେଷ୍ଟ ଆଉଟ ଅଫ ଷ୍ଟେଜ୍ ,ଝୋଟି, ଭେଜିଟେବୁଲ ଆର୍ଟ, ମେହେନ୍ଦି, ପେପର କ୍ରାଫ୍ଟ ପ୍ରତିଯୋଗୀତା, କ୍ରିଏଟ ୟୋର ଓନ କାନଭାସ, ଖେଳକୁଦ, ପରିବେଶ ଓ ପରିସ୍ଥିତିକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା, ମ୍ୟୁଜିକାଲ ଚେୟାର, ସଂକୀର୍ତ୍ତନ, ସ୍କେଟିଓ,କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ନାହିଁ ନଥିବା ଉତ୍ସାହ । ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜୟପୁର ,ଏସ୍‌ପି ରୋହିତ ବର୍ମା, ଏଡିଏମ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର, ଉପଜିଲ୍ଲାପାଳ ଏ.ସସ୍ୟାରେ‡ୀ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଟାଉନଥାନା ଅଧିକାରି ଉଲ୍ଲାସ ରାଉତ, ସଦରଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ । ରାହାଗିରିରେ ସ୍ୱେଚ୍ଛାକୃତ ଭାବେ ଜୟପୁର ସହରର ବ୍ୟବସାୟୀ ସଞ୍ଜୟ କୁମାର ଜୈନ ସହଯୋଗ କରିଥିଲେ ।

## ● 'ରାହାଗିରି'ରେ 'ଜଗନ୍ନାଥ ସାଗର ବଞ୍ଚାଅ' ଶୋଭାଯାତ୍ରା

# ପ୍ରବେଶ ପଥରେ ଅଟକାଇଲା ପୁଲିସ




ଜୟପୁର,୧୪ ।୧୨(ସମିସ): ଆଜି ପୂର୍ବାହ୍ନରେ 'ରାହାଗିରି' ଧୁମ୍‌ଧାମ୍‌ରେ ଚାଲିଥିବା ବେଳେ 'ଜଗନ୍ନାଥ ସାଗର ବଞ୍ଚାଅ' ନେଇ କିଛି ସ୍ଥାନୀୟ ଯୁବକ ହାତରେ ପ୍ଲାଗକାର୍ଡ ଧରି ରାହାଗିରି ଆୟୋଜନ ସ୍ଥଳରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ପୁଲିସ ରାସ୍ତାରେ ଅଟକାଇଥିଲେ । ସେଠାରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା । ଶୋଭାଯାତ୍ରାରେ କୌଣସି ସ୍ଲୋଗାନ ନ ଦେବା ସର୍ତ୍ତ ରେ ଏବଂ ଶାନ୍ତି ପୂର୍ଣ୍ଣ ଭାବେ ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲେ । ଏଥିରେ କୃଷ୍ଣ କେଶବ ଷଡଙ୍ଗୀ, ସାଧୁ ଚରଣ ଦାସଚୌଧୁରୀ, ସୁବ୍ରତ ପଣ୍ଡା, ବିଶ୍ୱନାଥ ନନ୍ଦ, ବାରିଗେଡା ଚନ୍ଦ୍ରଶେଖର, ରାଜ କିଶୋର ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଶୋଭାଯାତ୍ରାରେ ସାଗର କୂଳରେ ହେଉଥିବା ପେଟ୍ରୋଲ ପମ୍ପ ବନ୍ଦ କରିବା, ଜଗନ୍ନାଥ ସାଗର ବଞ୍ଚାଇବା ଭଳି ଅନେକ ପ୍ଲା କାର୍ଡ ଧରି ଶାନ୍ତି ଶୋଭାଯାତ୍ରା କରିଥିଲେ ।

# ଦେଓମାଳି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ପଟ୍ଟାଙ୍ଗି,୧୪।୧୨(ସମିସ): ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଠାରେ ଆସନ୍ତା ୧୬ ତାରିଖ ଦିନ ହେବାକୁ ଥିବା ଦେଓମାଳି ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା । ମଙ୍ଗଳାବର ଦିନ ହେବାକୁ ଥିବା ଦେଓମାଳି ଉତ୍ସବକୁ ସାଫଲ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ମାନ୍ୟଗଣ୍ୟ ଜନ ପ୍ରତିନିଧିଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯିବା ନେଇ ନିଷ୍ପତି ନିଆଯାଇଥିଲା । ସ୍ଥାନୀୟ କୋରାପୁଟିଆ ଗାୟକ କମଳ ବୁରୁଡ଼ିଙ୍କ ଅର୍କେଷ୍ଟ୍ରାକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା । କାର୍ଯ୍ୟକ୍ରମରେ କୟା ନୃତ୍ୟ, ପୁକାଲି ଗ୍ରାମର କାଠି ନାଚ, ଢେମସା ନୃତ୍ୟ, କୁଇ ଗୀତ ଆଦି କାର୍ଯ୍ୟକ୍ରମ କରିବା ନେଇ ଆଲୋଚନା କରାଯାଇଥିଲା । ସମସ୍ତ ସରକାରୀ କର୍ମଚାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଚାର ପ୍ରସାର କରାଯିବା ନେଇ ନିଷ୍ପତି ହୋଇଥିଲା । ଆଜିର ବୈଠକ ସମୟରେ କୋଟିଆର ସମିତି ସଭ୍ୟା ଅମ୍ବିକା ପାଙ୍ଗି ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ଧାନରେ ତିଆରି ହେଉଛି ସୁନ୍ଦର ମୂର୍ତ୍ତି

## ● ସ୍ୱାବଲମ୍ବୀ ହୋଇଛନ୍ତି ଅନେକ ପରିବାର





କୋଷାଗୁମୁଡା,୧୪।୧୨(ସମିସ): ଧାନରେ ତିଆରି ଚାଲିଛି ସୁନ୍ଦର ସୁନ୍ଦର ଭଗବାନଙ୍କ ମୂର୍ତ୍ତି । ତିଆରି ଚାଲିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା, ସ୍ୱରସ୍ୱତୀ, ଗଣେଶ, ମା ଲକ୍ଷ୍ମୀ, ଏବଂ ମୟୂର ଏମିତି ଅନେକ କିଛି ମନୋଲୋଭା ମୂର୍ତ୍ତି । କଳା ତ ଅନେକ ରହିଛି । ଏହି କଳା କିନ୍ତୁ ବିରଳ । ଆଖିରେ ନଦେଖିଲେ ବିଶ୍ୱାସ ହେବନାହିଁ । ଆମେ ଧାନକୁ ଲକ୍ଷ୍ମୀ କହିଥାଉ ଏବଂ ଏହି ଧାନ ପ୍ରତ୍ୟେକ ମନୁଷ୍ୟକୁ ଭୋଜନ ଦେଇଥାଏ । ଏମାନେ କିନ୍ତୁ ଗୋଟା ଧାନକୁ ହଳଦୀ ରଙ୍ଗ ଦେଇ ତିଆରି କରିଛନ୍ତି ଏମିତି ସୁନ୍ଦର ଜିନିଷ । ଏଥିରୁ ବେଶ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି । ଏହି କଳା ଦେଖିବାକୁ ମିଳୁଛି କେବଳ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଉପାନ୍ତ ଅଞ୍ଚଳ କେ. ସେମେଲା ପଞ୍ଚାୟତର ଲିମଭଟା ଗ୍ରାମରେ । ଗ୍ରାମର ଧନଲକ୍ଷ୍ମୀ ଏସଏଚଜି ଗ୍ରୁପର ସଦସ୍ୟ ମାନେ ଏହି କାର୍ଯ୍ୟ କରୁଛନ୍ତି । ପରିବାରର ଛୋଟ ଛୁଆଠୁ ଆରମ୍ଭ କରି ବୃଦ୍ଧବୃଦ୍ଧା ଏହି କାମରେ ଲାଗି ରହୁଛନ୍ତି । କଳାରେ ଭରପୁର ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଞ୍ଚଳବାସୀ ପୂର୍ବପିଢ଼ିରୁ ଏହି କଳାରୁ ସେମାନଙ୍କ ରୋଜଗାର କରୁଛନ୍ତି । ଦିନ ଥିଲା ଗାଁ ଗାଁକୁ ଏହି ଜିନିଷ ବିକ୍ରି ପାଇଁ ବୁଲିବାକୁ ପଡୁଥିଲା । ବର୍ତମାନ କିନ୍ତୁ ଏହାର ପ୍ରଚାର ପ୍ରସାର ହେବା ପରେ ଆଗଭଳି ଆଉ ବିକ୍ରି ପାଇଁ କଷ୍ଟ କରିବାକୁ ପଡୁନାହିଁ । ଏହି ଧନ ଲକ୍ଷ୍ମୀ ଗ୍ରୁପକୁ ସରକାରଙ୍କ ତରଫରୁ ଅନେକ ପ୍ରଶିକ୍ଷଣ ଦେବା ସହ ମାମାର୍କେଟିଂ ଲିଙ୍କେଜ ମଧ କରାଯାଇଥିବା ପ୍ରକାଶ କରିଥିଲେ ଗ୍ରୁପର ସଦସ୍ୟ । ବିଭିନ୍ନ ମେଳା, ଯାନୀଯାତ୍ରା ତଥା ରାଜ୍ୟ ଏବଂ ରାଜ୍ୟ ବାହାରେ ହେଉଥିବା ପ୍ରଦର୍ଶନି ସ୍ଥାନ ମାନଙ୍କରେ ଏମାନଙ୍କର ଏହି ଜିନିଷର ଚାହିଦା ଢେର ରହିଥାଏ । ଧାନରେ ତିଆରି ଏହି ଠାକୁରଙ୍କ ପ୍ରତିମୂର୍ତ୍ତି କୋଣସି ଘରେ ରଖିଲେ ଗୃହକୁ ବେଶ ଶୋଭା ପାଇଥାଏ । ସେଥିପାଇଁ ତ ଏହାର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ଢେର ରହିଛି । ଅନେକ ଥର ଭୁବନେଶ୍ୱର ଦିଲ୍ଲୀ ପ୍ରଦର୍ଶନି ପଡିଆରେ ଏହି ଗ୍ରୁପର ସଦସ୍ୟ ମାନେ ଏହି ହାତ ତିଆରି ଜିନିଷ ପ୍ରଦର୍ଶିତ କରି ବେଶ ପ୍ରଶଂସିତ ହୋଇଛନ୍ତି । ବର୍ତମାନ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସଂସ୍ଥା ପକ୍ଷରୁ ଏମାନଙ୍କ ପାଖକୁ ଏହି ଜିନି ତିଆରି ପାଇଁ ର୍ଡର ଆସୁଥିବା ପ୍ରକାଶ କରିଥିଲେ । ଏବଂ ଏହି ବୃତ୍ତି ଆପଣେଇ ପରିବାର ସ୍ୱଚ୍ଛଳ ହେବା ସହ ବେଶ ଖୁସି ଥିବା ପ୍ରକାଶ କରିଥିଲେ । ସାମ୍ପ୍ରତିକ ଯୁଗରେ ଅନେକ ଲୋକେ ରୋଜଗାର ପାଇଁ ପଥଭ୍ରାନ୍ତ ହେଉଥିବା ବେଳେ ଏହି ଉପାନ୍ତ ଅଞ୍ଚଳର ସଦସ୍ୟ ମାନେ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । କୁଲି ମଜୁରୀ ନକରି ଅନ୍ୟ କାହା ପାଖରେ ହାତ ନ ପତାଇ ନିଜର ବୃତ୍ତି କଳାକୁ ଉଜ୍ଜୀବିତ ରଖିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି ଏହି ପରିବାର ମାନେ । ହାତ ତିଆରି ଏହିଭଳି ଅନେକ ସୁନ୍ଦର ଜିନିଷ ବିକ୍ରି କରି ବେଶ ଶାନ୍ତିରେ ଜୀବନ ଅତିବାହିତ କରୁଛନ୍ତି ।

## ● ଲୋକ ମହୋତ୍ସବ 'ମଣ୍ଡେଇ'ର ଦ୍ୱିତୀୟ ଦିନ

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ



ନବରଙ୍ଗପୁର, ୧୪।୧୨ (ସମିସ) : ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅର୍କେଷ୍ଟ୍ରାରେ ଦୁଲୁକିଲା ମଞ୍ଚ । ପ୍ରଥମେ ସ୍ୱାଗତ ସଙ୍ଗୀତ ପରିବେଷଣ ରୁ ଆରମ୍ଭ ହୋଇଥିଲା ୨ୟ ଦିନର ଲୋକ ମହୋତ୍ସବ ମଣ୍ଡେଇ କାର୍ଯ୍ୟକ୍ରମ । ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ଆରମ୍ଭ ହୋଇଥିବା ମଣ୍ଡେଇ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର ମଣ୍ଡେଇ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇ କହିଲେ ଯେ, ଆଜି ପର୍ଯ୍ୟନ୍ତ ଯେତିକି ବହି ପଢ଼ିଛି ସବୁଥିରେ ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ସହିତ ନବରଙ୍ଗପୁର ଜିଲ୍ଲାର କଳା ଏବଂ ସଂସ୍କୃତି ବିଷୟରେ । ଯାହାକି ଆଜି ମୁଁ ଯେତେବେଳେ ଏହି ମଣ୍ଡେଇ କାର୍ଯ୍ୟକ୍ରମ ରେ ଯୋଗ ଦେଇ କଳା, ସଂସ୍କୃତି , ଲୋକ କଳା , ଲୋକ ନୃତ୍ୟ ଏବଂ ପାରମ୍ପରିକ ଗୀତ ନାଚ ଏବଂ କଳା ର ଭରପୁର ଥିବା ଜିଲ୍ଲା ହେଉଛି ନବରଙ୍ଗପୁର ଜିଲ୍ଲା ବୋଲି କହିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ପୂର୍ବତନ ଜିଲ୍ଲାପାଳ ତଥା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ଃ କୋମଳ ଲୋଚନ ମିଶ୍ର ଯୋଗ ଦେଇ ଏହି ନବରଙ୍ଗପୁର ମାଟି ଏକ କଳାକାର ତଥା କଳା ଓ ସଂସ୍କୃତିର ମାଟି ବୋଲି କହିଥିଲେ । ଏହି ଅବସରରେ ଅନ୍ୟତମ ସମ୍ମାନିତତ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି ଯୋଗଦେଇ ନବରଙ୍ଗପୁର ଜିଲ୍ଲା ଏକ ଏଭଳି ଜିଲ୍ଲା ଏହି ଜିଲ୍ଲାରୁ ଅନେକ ଆମ ଦେଶକୁ ସ୍ୱାଧୀନ କରିବାରେ ନିଜକୁ ବଳିଦାନ ଦେଇଛନ୍ତି । ନବରଙ୍ଗପୁର ଜିଲ୍ଲା ହେଉଛି କଳା, ସଂସ୍କୃତି , ଲୋକ ନୃତ୍ୟ ଏବଂ ଲୋକ କଳାର ଜିଲ୍ଲା ବୋଲି ନିଜ ବକ୍ତବ୍ୟରେ କହିଛନ୍ତି ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି । ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ଏନ କେ କେ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଦ୍ୱିତୀୟ ସନ୍ଧ୍ୟାରେ ସଭାକାର୍ଯ୍ୟ ଶେଷ ହେବା ପରେ ଯୋଗଦେଇଥିବା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସହ ଉପସ୍ଥିତ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଙ୍କୁ ମଣ୍ଡେଇ ସ୍ମୃତି ଫଳକ ଦେଇ ସମ୍ମାନୀତ କରାଯାଇଥିଲା । ଏହାପରେ ଆରମ୍ଭ ହୋଇଥିଲା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରଥମେ ଜଗନ୍ନାଥ କଳା କେନ୍ଦ୍ର ନବରଙ୍ଗପୁର ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ପରେ ଝାଡ଼ଖଣ୍ଡ ର ସାନ୍ତାଳୀ ନୃତ୍ୟ, ନବରଙ୍ଗପୁର ପୌର ପାଳିକା ପକ୍ଷରୁ ଏକ ନୃତ୍ୟ,ନୂଆପଡ଼ା ର ଘୁମୁରା ନୃତ୍ୟ,ଉମରକୋଟ ପୌର ପାଳିକାର ଏକ ନୃତ୍ୟ, କୋଟପାଡ଼ର ଦୁରୁଆ ନୃତ୍ୟ,, ପାପଦହାଣ୍ଡିର ଶିଙ୍ଗ ବାଜା ନୃତ୍ୟ , ରାୟଗଡ ର କୁଟିଆ କନ୍ଧ ନୃତ୍ୟ ଏବଂ ଏହି ସବୁ ନୃତ୍ୟ କାର୍ଯ୍ୟକ୍ରମ ସରିବା ପରେ ସାରେଗାମା ପା ବିଜେତା ନିଷ୍ଠା ଶର୍ମା ଏବଂ ଦଳ ଙ୍କୁ ନେଇ ଏକ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।" ଜିଲ୍ଲା ସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଓ ପଲ୍ଲୀଶ୍ରୀ ମେଳାରେ ଚଳିତ ୨୦୨୫ରେ ବିଭିନ୍ନ ପ୍ରକାର ମୋଟ ୪୦୦ଟି ଷ୍ଟଲ କରାଯାଇଥିଲା । ୨ୟଦିନର ମହୋତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା, ନବରଙ୍ଗପୁର ତହସିଲଦାର କୃଷ ଗରଡ଼ା , ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା , ନବରଙ୍ଗପୁର ଜରୁରୀ କାଳୀନ ବିଭାଗର , ସେକ୍ସନ ଅଧିକାରୀ ତ୍ରିପତି ବାଲାଜୀ ସାହୁ ,ପ୍ରୋଗ୍ରାମ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ ଉପସ୍ଥିତ ଥିବା ବେଳେ ବହୁ ପରିମାଣରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ମଣ୍ଡେଇ ପଡିଆ ପରିସର ଏବଂ ସହରରୁ ମଣ୍ଡେଇ ସ୍ଥଳକୁ ପହଞ୍ଚିବା ରାସ୍ତାର ହେଉଥିବା ଭୀଷଣ ଭିଡ ନିୟନ୍ତ୍ରଣ କରିଥିଲେ ।

# ବିଜ୍ଞାନ ପ୍ରଦର୍ଶନୀରେ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ୍‌ର ସଫଳତା

ରାୟଗଡ଼ା,୧୪।୧୨(ସମିସ): ଯୁବ ମହୋତ୍ସବ ଅବସରରେ ମହିଳା ମହାବିଦ୍ୟାଳୟ ରାୟଗଡ଼ା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ସ୍ଥାନ ହାସଲ କରି ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ୍ ଅନୁଷ୍ଠାନ ପାଇଁ ଗୌରବ ଆଣିଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରଦର୍ଶନୀ ମାଧ୍ୟମରେ ଉଲ୍ଲେଖନୀୟ ବୈଜ୍ଞାନିକ ସୃଜନଶୀଳତା ଏବଂ ନବସୃଜନ ପ୍ରଦର୍ଶନ କରିଥିଲେ । 'ଇକୋ-ସ୍ମାର୍ଟ ମନିଟରିଂ ଇଣ୍ଡଷ୍ଟ୍ରିଆଲ୍ ସିଟ' ଶୀର୍ଷକ ପ୍ରକଳ୍ପଟି ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏହି ପ୍ରକଳ୍ପକୁ ଗୌରୀଶଙ୍କର ପଟ୍ଟନାୟକ, ବଂଶୀକୃଷ୍ଣ, ହର୍ଷବର୍ଦ୍ଧନ, ଚିନ୍ମୟୀ ମିଶ୍ର, ତାନିଶା ସିଂହ ଏବଂ କୁନ୍ଦନା ଉପସ୍ଥାପନ କରିଥିଲେ ଏବଂ ଏହାର ମୌଳିକତା, ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ବ୍ୟାବହାରିକ ପ୍ରୟୋଗ ପାଇଁ ବିଚାରକମାନଙ୍କ ଦ୍ୱାରା ଏହାକୁ ଉଚ୍ଚ ପ୍ରଶଂସା କରାଯାଇଥିଲା । ରେଲୱେ ସେଫ୍ଟି" ଶୀର୍ଷକ ଅନ୍ୟ ଏକ ଉଲ୍ଲେଖନୀୟ ପ୍ରକଳ୍ପ ଆଦିତ୍ୟ ନନ୍ଦ, ସାର୍ଥକ ଚାନ୍ଦ, ଖିରାବ୍ଧି, ସୁଦୀପ୍ତି ସାହୁ ଏବଂ ଓମକାର ନାୟକଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା, ଯାହା ପ୍ରଦର୍ଶନୀରେ ତୃତୀୟ ସ୍ଥାନ ହାସଲ କରିଥିଲା । ଏହି ପ୍ରକଳ୍ପଟି ରେଳବାଇ କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ନିରାପତ୍ତା ବ୍ୟବସ୍ଥା ଏବଂ ବୈଷୟିକ ସମାଧାନ ଉପରେ ଆଲୋକପାତ କରିଥିଲା । ଉଭୟ ପ୍ରକଳ୍ପ ବିଜ୍ଞାନ ବିଭାଗର ଉତ୍ସର୍ଗୀକୃତ ଅଧ୍ୟାପକ ପ୍ରଶାନ୍ତ, ବିଭୂତି, ରବି, ଶ୍ରୀମତୀ ବବିତା ଏବଂ ଶ୍ରୀମତୀ ଅଖିଳାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯାହାର ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କ ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଅଧ୍ୟକ୍ଷ ଆର୍. କେ. ମହାପାତ୍ର ଏବଂ ନିର୍ଦ୍ଦେଶକ ଡକ୍ଟର ରାଜେଶ କୁମାର ପାଢୀ ସେମାନଙ୍କ ଗର୍ବ ଏବଂ ପ୍ରଶଂସା ବ୍ୟକ୍ତ କରି ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । ସେମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏହିପରି ଉପଲବ୍ôଧ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନବସୃଜନ ଏବଂ କୌତୁହଳକୁ ପ୍ରୋତ୍ସାହିତ କରିଥାଏ । ଏହି ସଫଳତା ବିଜ୍ଞାନ ଶିକ୍ଷା ଏବଂ ସାମଗ୍ରିକ ଛାତ୍ର ବିକାଶରେ ଉତ୍କର୍ଷ ପାଇଁ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

## ● ନବରଙ୍ଗପୁର-ଇନ୍ଦ୍ରାବତୀ ମୁଖ୍ୟରାସ୍ତା ପ୍ରଶସ୍ତିକରଣ

# ଅସମ୍ପୂର୍ଣ୍ଣ ରାସ୍ତାକାମକୁ ନେଇ ଅସନ୍ତୋଷ



ତେନ୍ତୁଳିଖୁଣ୍ଟି , ୧୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ଭାୟା ତେନ୍ତୁଳିଖୁଣ୍ଟି ଦେଇ ତିନି ପର୍ଯ୍ୟାୟରେ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଜାରିରହିଛି । କିନ୍ତୁ ହୋଇଥିବା ରାସ୍ତା ନିର୍ମାଣରେ ବିଭାଗୀୟ ସହଯୋଗର ଅଭାବ ରହୁଥିବା ଅଭିଯୋଗ ହେଉଛି । ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ, ମେଗା ପ୍ରକଳ୍ପ ଏୟାର ଭଲବ, ବୃକ୍ଷ ଆଦି ରାସ୍ତା ଉପରେ ରହିଛି । ସେଗୁଡିକୁ ସ୍ଥାନାନ୍ତର ନକରି ରାସ୍ତା କାର୍ଯ୍ୟ ଜାରିରହିଛି । ଯାହାଫଳରେ ଗୋଟିଏ ପର୍ଯ୍ୟାୟରେ ରାସ୍ତା ନହୋଇ ଦରଖଣ୍ଡିଆ ଭାବରେ ରାସ୍ତା ନିର୍ମାଣ ଚାଲିଛି । ଅଳ୍ପ ବାଟ ଭାଇବ୍ରେଟର ମାଧ୍ୟମରେ ରୋଲିଂ କରି ବିଦ୍ୟୁତ୍ ଖୁଣ୍ଟ ନଚେତ ବୃକ୍ଷ ପାଇଁ କିଛି ସ୍ଥାନ ଛାଡି ପୁଣି କାର୍ଯ୍ୟ କରାଯାଉଛି । ଯାହାଫଳରେ ରାସ୍ତାର ମାନ କମିବା ନେଇ ଆଶଙ୍କା ପ୍ରକାଶ ପାଉଛି । ପୂର୍ବରୁ ବିଭାଗୀୟ ସହଯୋଗ ମିଳୁନଥିବା ନେଇ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁନଥିବା କାରଣରୁ ରାସ୍ତା କାର୍ଯ୍ୟ ସଠିକ ରୂପେ ହୋଇପାରୁନାହିଁ । ଅନ୍ୟ ପକ୍ଷରେ ରାସ୍ତା ପ୍ରଶସ୍ତ ପାଇଁ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାକୁ ଲଗାଇ ବିଦ୍ୟୁତଖୁଣ୍ଟ ପୋତାଗଲା । ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହ ଦୈନିକ ଖବରକାଗଜ 'ସକାଳ'ରେ ରାସ୍ତା କାର୍ଯ୍ୟରେ ବିଦ୍ୟୁତ ଖୁଣ୍ଟ ବାଧକ ହେବା ନେଇ ଖବର ପ୍ରକାଶ ପାଇଥିଲା । କିନ୍ତୁ ପ୍ରକାଶିତ ଖବରକୁ ଗୁରୁତ୍ୱ ନଦେଇ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା କଡରେ ହିଁ ବିଦ୍ୟୁତ ଖୁଣ୍ଟ ପୋତିଥିଲେ । ବର୍ତମାନ ଉକ୍ତ ବିଦ୍ୟୁତ ଖୁଣ୍ଟ ରାସ୍ତା କାର୍ଯ୍ୟରେ ବାଧକ ହେଉଥିବାରୁ ସରକାରୀ ରାଜକୋଷରୁ ଟଙ୍କା ବିନିଯୋଗ କରି ସେଗୁଡିକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ହେଉଛି । ତଥାପି ସ୍ଥାନାନ୍ତରରେ ବିଳମ୍ବ ହେଉଛି । ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ସରକାରୀ ରାଜକୋଷରୁ ଯେଉଁ ଅର୍ଥର ଦୁରୁପଯୋଗ ହେଲା, ସେଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦରଖଣ୍ଡିଆ ରାସ୍ତା କାର୍ଯ୍ୟକୁ ନେଇ ବିଭାଗୀୟ ଯନ୍ତ୍ରୀ ଇଂ ଅରବିନ୍ଦ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ବିଭାଗକୁ ପତ୍ର ଲେଖାଯାଇଛି । କିନ୍ତୁ ବିଭାଗୀୟ ସହଯୋଗ ମିଳୁନଥିବାରୁ ଏହିଭଳି କାର୍ଯ୍ୟ ହେଉଛି ବୋଲି କହିଛନ୍ତି ।

## ନନ୍ଦପୁର ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀ

# ରଙ୍ଗମରା ବିଜେପି ସରକାରଙ୍କୁ କଡ଼ା ସମାଲୋଚନା

ନନ୍ଦପୁର, ୧୪।୧୨(ସମିସ):




ସାଧାରଣ ନିର୍ବାଚନ ଶେଷ ହୋଇ ନୂତନ ସରକାରକୁ ଦେଢ ବର୍ଷ ବିତିଲାଣି । ଏହି ସମୟରେ ସରକାରଙ୍କ ଗୋଟିଏ ମଧ୍ୟ ଜନହିତକର ଯୋଜନାର ରୂପରେଖ ନଥିବା ବେଳେ କେବଳ ବିଜେଡି ସରକାରଙ୍କ ଯୋଜନାର ରୂପରେଖ ବଦଳାଇ ରଙ୍ଗ ଦେଇ ଚାଲିଛନ୍ତି ବୋଲି କର୍ମୀ ସମ୍ମିଳନୀ ବିଜେପି କର୍ମୀ ଓ ନେତାମାନେ ନୂଆ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ନନ୍ଦପୁର ବ୍ଲକ ବିଜେଡି କର୍ମୀ ସମ୍ମିଳନୀ ନନ୍ଦପୁର ବ୍ଲକ୍‌ର କାବୁଲ ପଡିଆ ପରିସରରେ ଅନୁଷ୍ଠିତ ହୋଇଥିଲା । ଗତ ନିର୍ବାଚନ ରେ ପରାଜୟ ପରେ ନିରାଶ ବିଜେଡି ଦଳୀୟ କର୍ମୀ ଦେଢ ବର୍ଷ ପରେ ମନୋବଳ ଦୃଢ କରିଛନ୍ତି । କର୍ମୀ ସମ୍ମିଳନୀରେ ବ୍ଲକ୍ ସଭାପତି କାଶୀନାଥ ଗୋଲାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା ସ୍ୱାଗତ ଭାଷଣ ଦେଇଥିଲେ । ନନ୍ଦପୁର ବ୍ଲକ୍‌ର ସକ୍ରିୟ କର୍ମୀଙ୍କ ବିୟୋଗରେ ଶୋକ ପ୍ରାର୍ଥନା କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଇଶ୍ୱର୍ଚନ୍ଦ୍ର ପାଣିଗ୍ରାହୀ, ନୂତନ ଜିଲ୍ଲା ସଭାପତି ଝିନ୍ନ ହିକୋକା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପିତମ କୁମାର ପାଢ଼ି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ଏସଡିସି ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ବ୍ଲକ୍ ମହିଳା ସଭାନେତ୍ରୀ କୁନି ଦଳପତି, ଜିଲ୍ଲାପରିଷଦ ସଭ୍ୟ ଲୋଇଛନ ଖରା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରା କର୍ତ୍ତୁଲ, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ଭଗବାନ ପେଟିଆ,ମହିଳା ସଭାନେତ୍ରୀ ଲତା ରାୟ,ବ୍ଲକ୍ ଉପାଅଧ୍ୟକ୍ଷ ଗୋପାଳ ହନ୍ତାଳ,ଯୁବ ନେତା ପ୍ରଭାତ ଗୁରୁମାଇ, ମୁନା ଦଳପତି, ଆକାଶ ଖିଲ, ପ୍ରସନ୍ନ ନାୟକ, ଜଗବନ୍ଧୁ ଚେଟି, ପଦଲାମ ହନ୍ତାଳ,ସେକ ୱଜିଦ ସମେତ ଶତାଧିକ ବହୁ ଯୁବ, ମହିଳା, ବରିଷ୍ଠ କର୍ମୀ ଓ ନେତା ଯୋଗ ଦେଇଥଲେ । ଏହି ଅବସରରେ ନୂତନ ଜିଲ୍ଲା ସଭାପତି ଝିନ୍ନ ହିକ୍କାଙ୍କୁ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ଦଳୀୟ କର୍ମୀ ଓ ନେତା ସଂଗଠନ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ । ଲୋକଙ୍କ ସମସ୍ୟା ସହ ଜଡ଼ିତ ରହିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସେକ ନୁର ଓ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା ପରିଚାଳନା କରିଥିଲେ ।

## ବଙ୍ଗଳାଗୁଡ଼ା ବ୍ରିଜ୍ ଗାର୍ଡ଼ୱାଲ କାମ

# ୩୨୬ ନମ୍ବର ଏନ୍ଏଚ୍ ୧୦ ଦିନ ବନ୍ଦ



କୋରାପୁଟ/ପୋଡ଼ାଗଡ,୧୪।୧୨ (ସମିସ): କୋରାପୁଟ ଠାରୁ ରାୟଗଡାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବଙ୍ଗଳାଗୁଡା ବ୍ରିଜର ଗାର୍ଡୱାଲ ଓ ଲଞ୍ଚିଙ୍ଗ କାର୍ଯ୍ୟ ପାଇଁ ରବିବାର ଠାରୁ ୧୦ ଦିନ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିବ ବୋଲି ଜଣା ପଡିଛି। ଏ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ୧୪ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବଙ୍ଗଳାଗୁଡା ବ୍ରିଜ ଦେଇ ସକାଳ ନଅଟାରୁ ସନ୍ଧ୍ୟା ପାଞ୍ଚଟା ଯାଏଁ ସମସ୍ତ ଗାଡ଼ି ଚଳ ପ୍ରଚଳ ଉପରେ ରୋକ ଲଗାଯାଇଛି।ଏଇ କ୍ଷେତ୍ରରେ ସମସ୍ତ ଗାଡ଼ି"କାକିରିଗୁମା ଠାରୁ ଦାମନଯୋଡି ରାସ୍ତା ନଚେତ ପୋଡାଗଡ଼ ଠାରୁ ବ୍ରାହ୍ମଣ ସୁକୁ ଦେଇ କୋଡିଏ କିଲୋ ମିଟର ବୁଲିକି ବାଗ୍ରା ଛକ ଦେଇ କୋରାପୁଟ ଯାଇପାରିବେ। ନିର୍ଦ୍ଦେଶନାମା ସମୟ ବାଦେ ସନ୍ଧ୍ୟା ପାଞ୍ଚଟା ପରେ ବଙ୍ଗଳାଗୁଡା ବ୍ରିଜର ଡ଼ାଇଭର୍ଶନ ପୋଲ ଉପର ଦେଇ ଗାଡି ସ୍ୱାଭାବିକ ଭାବେ ଯାତାୟାତ କରିପାରିବ ବୋଲି ସୂଚନା ମିଳିଛି।ପ୍ରକାଶ ଥାଉକି ଗତ ଦୁଇ ବର୍ଷ ଧରି ବଙ୍ଗଳା ଗୁଡା ପୋଲ ଭାଙ୍ଗି ପଡିବା ପରେ କୋରାପୁଟ ରାୟଗଡା ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳପ୍ରଚଳରେ ବାଧା ଉପୁଜିଥିଲା। ବର୍ଷା ଦିନେ ସବୁଠୁ ଅଧିକ ସମସ୍ୟା ଦେଖା ଦେଉଥିଲା। ଏହାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଆଦିବାସୀ ଲୋକ ମହୋତ୍ସବ ପରବ ଥିବାରୁ ଆସନ୍ତା ୧୮ ତାରିଖ ୯ଘଣ୍ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ବନ୍ଦ ରହିବା ନେଇ ସୂଚନା ମିଳିଛି।

# ମାଗଣା ଏଲ୍‌ପିଜି ପ୍ରଦାନ ନେଇ ପଦକ୍ଷେପ

ସେମିଳିଗୁଡା, ୧୪।୧୨ (ସମିସ): ୨୫ ଲକ୍ଷ ଅତିରିକ୍ତ ମାଗଣା ଏଲପିଜି ଗ୍ୟାସ ପ୍ରଦାନ କରିବା ଲକ୍ଷ୍ୟ ରହିଛି ବୋଲି ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଚିଫ୍ ଜେନେରାଲ ମ୍ୟାନେଜର କାମଳ ଶିଲ ସୂଚନା ପ୍ରଦାନ କରିଥିଲେ। ପୁର୍ବରୁ ଯାହାର ଏଲ୍‌ପିଜି ଗ୍ୟାସ ନଥିବା ଗରିବ ପରିବାରର ବୟସ୍କ ମହିଳାଙ୍କ ନିମନ୍ତେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀଙ୍କ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ନୂତନ ଏଲ୍ ପି ଜି ଗ୍ୟାସ ପ୍ରଦାନ କରାଯିବା ନେଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଛି। ଇଣ୍ଡିଆନ ଅଏଲ୍ କର୍ପୋରେସନ ଲିମିଟେଡ୍‌ର ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟର ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି କୋରାପୁଟ ଜିଲ୍ଲା ସେମିଳିଗୁଡା ସ୍ଥିତ ହୋଟେଲ 'ଇମ୍ପେରିଆଲ ଇନ୍'ଠାରେ ଆୟୋଜିତ ହୋଇଛି। ଉକ୍ତ ସମାବେଶରେ କାମଳ ଶିଲ ଉକ୍ତ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ରେ ୨୫ ଲକ୍ଷ ଅତିରିକ୍ତ ମାଗଣା ଏଲ୍‌ପିଜି ଗ୍ୟାସ ପ୍ରଦାନ କରିବେ। ଉକ୍ତ ଯୋଜନାରେ ମାଗଣା ସିଲିଣ୍ଡର, ପ୍ରେସର ରେଗୁଲେଟର, ସୁରକ୍ଷା ହୋସ, ଦିଯିଶିଶି ବୁକ୍, ଅନ୍ୟ ଶୁଳ୍କ ମାଗଣା ରହିବ, ମାଗଣା ଗ୍ୟାସ ଚୁଲା ଏବଂ ପ୍ରଥମ ରିଫିଲ ମଧ୍ୟ ମାଗଣା ଦିଆଯିବ। ଆବେଦନ କରି ନିଜ ଫଟୋ ସହ ଗୋଟିଏ କେୱାଇସି ଫର୍ମ, ଆଧାର ଏବଂ ସ୍ଥାନୀୟ ଠିକଣା ଅଲଗା ଥିଲେ ସ୍ୱାମୀଙ୍କ ପ୍ରମାଣ ପତ୍ର ଆବଶ୍ୟକ, ପରିବା ସଂରଚନା ପ୍ରମାଣ ପତ୍ର ତଥା ରେସନ୍ କାର୍ଡ ଆଦି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ ପ୍ରମାଣ ପତ୍ର, ବୟସ୍କ ଲୋକଙ୍କ ଆଧାର କାର୍ଡ, ବ୍ୟାଙ୍କ ଖାତାର ବିବରଣୀ, ପ୍ରବାସୀଙ୍କ ପାଇ ମଧ୍ୟ ନିଜର ପ୍ରମାଣ ପତ୍ର ମାଧ୍ୟମରେ ନିବେଦନ କରି ପାରିବେ ବୋଲି ସୂଚନା ଦେଇଛନ୍ତି। ଏହାକୁ ଅନଲାଇନ୍ କିମ୍ବା ନିକଟ ଗ୍ୟାସ ଡିଷ୍ଟିବ୍ରୁଟର ପାଖରେ ଆବେଦନ କରାଯାଇ ପାରିବ ଏବଂ ଏଥିନେଇ କୌଣସି ଜାତିଗତ ପ୍ରମାଣ ପତ୍ର ଆବଶ୍ୟକତା ନାହିଁ।କିନ୍ତୁ ଆଧାର ର ବାୟୋ ମେଟ୍ରିକ ର ପ୍ରମାଣ ଆବଶ୍ୟକ ବୋଲି କହି ଥିଲେ। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୫୫ ଲକ୍ଷ ଏବଂ କୋରାପୁଟ ଠାରେ ଦୁଇ ଲକ୍ଷ ୧୮ ହଜାର ହିତାଧିକାରୀ ଉପକୃତ ହୋଇଅଛନ୍ତି ବୋଲି ସେ ସୂଚନା ଦେଇ ଥିଲେ। ଅପହଞ୍ଚ ଗ୍ରାମରେ ଜଣେ ଭିଏଲ୍‌ଇ ମୁତୟନ କରି ଗ୍ରାମର ହିତାଧିକାରୀଙ୍କୁ ପହଞ୍ଚାଇବାର ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ଗ୍ୟାସର ବ୍ୟବହାର ଏବଂ ସରକାରଙ୍କ ଦିଆ ଯାଉଥିବା ଯୋଜନା ନେଇ ସଚେତନ ବିଭାଗ ଦ୍ୱାରା କରାଯିବ ବୋଲି ଉପସ୍ଥିତ ଅଧିକାରୀଗଣ ସୂଚନା ପ୍ରଦାନ କରିଛନ୍ତି। କୋରାପୁଟ ଜିଲ୍ଲାରେ ଗ୍ୟାସ କଳା ବାଜାର ରଖିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜିଲ୍ଲା ଜିଲ୍ଲା ଯୋଗାଣ ଅଧିକାରୀ ସବେଶ୍ୱର ନାୟକ ଚେତାବନୀ ଦିଆଯାଇଥିଲା। ଏଲ୍‌ପିଜିସିଜିଏମ ନରୋ ତୁଣ୍ଡୁପ୍, ଇଣ୍ଡେନ୍ ଡିଭିଜନ କାର୍ଯ୍ୟାଳୟ ଡେପୁଟି ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର୍ ଦାସ, ଓ ପ୍ଲାଣ୍ଟ ଜେନେରାଲ ମ୍ୟାନେଜର ସସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ଗୀର୍ଜା ଗୃହ ଉଦ୍‌ଘାଟିତ

କୋରାପୁଟ/ପୋଡ଼ାଗଡ଼,୧୪।୧୨(ସମିସ): ଜେଇଏଲସି ଅଧୀନ ବଙ୍ଗଳାଗୁଡା ପରିସର ମାଲିଙ୍ଗଯୋଡ଼ି ଗ୍ରାମରେ ନୂତନ ଗୀର୍ଜା ଗୃହ ଉଦ୍‌ଘାଟନ ହୋଇଛି । ଜୟପୁର ଇଭାଞ୍ଜିକାଲ ଲୁଥରନ୍ ମଣ୍ଡଳୀର ବିଶପ ଅନନ୍ତ କୁମାର ନାଗ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ପ୍ରଧାନ ମଣ୍ଡଳୀର ପରିଚାଳକ ରେଭରେଣ୍ଟ ରବୀନ୍ଦ୍ର ଚେଟୀ, ପାଳକ ଶାନ୍ତନୁ କୁମାର ସୁନା, ରବି ଚାନ୍ଦ ଟାକ୍ରି , କୋଷାଧ୍ୟକ୍ଷ ବିରଜ କୁମାର ବେନିଆ , ସମ୍ପାଦକ ଲାଲୁ ବାଘ , ପେରିସ ସଭାପତି ଉପେନ୍ଦ୍ର ବେନିଆ, ଉପ ସଭାପତି ପ୍ରଫୁଲ ଭତ୍ରା, ସଞ୍ଜୀବ କୁଲଦୀପଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ପ୍ରଧାନ ମଣ୍ଡଳୀ ଓ ମହା ମଣ୍ଡଳୀର ସମସ୍ତ ଅଧିକାରୀ ଉପସ୍ଥିତି ଥିଲେ।

# ପୂର୍ବତନ ସରପଞ୍ଚଙ୍କୁ ଶ୍ରଦ୍ଧାଞ୍ଜଳି

ବୈପାରୀଗୁଡ଼ା, ୧୪।୧୨(ସମିସ)



ବୈପାରୀଗୁଡାର ସଦର ମହକୁମା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରି ଛକ ଠାରେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ତ୍ରିନାଥ ପାତ୍ର ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ତ୍ରିନାଥ ପାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଛି। ଏହି ଶୋକସଭାରେ ବୈପାରୀଗୁଡାର ସମସ୍ତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କ ଗୁଣ ଗାନ କରାଯାଇଥିବା ବେଳେ ବୈପାରୀଗୁଡାର ଉନ୍ନତି ରେ ତାଙ୍କର ଯୋଗଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମତ ବ୍ୟକ୍ତି କରିଛନ୍ତି ବରିଷ୍ଠ ନାଗରିକମଞ୍ଚ । ସ୍ୱର୍ଗତ ତ୍ରିନାଥ ପାତ୍ର ବୈପାରୀଗୁଡା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ। ସେ ପ୍ରଥମେ ଜନତା ଦଳ ପରେ ବିଜେପି ପାର୍ଟି ର ଜଣେ ଟାଣୁଆ ନେତା ସହ ଗାଁ ଜଣେ ବରିଷ୍ଠ ନାଗରିକ ଭାବେ ବେଶ ପରିଚିତ ଜଗନ୍ନାଥ ମନ୍ଦିର ପୂଜା କମିଟିର ଜଣେ ସକ୍ରିୟ ସଦସ୍ୟ ଏବଂ ଦଇତାପତି ଥିଲେ। ସୂଚନା ଥାଉକି ଗତ ବୁଧୁବାର ଦିନ ଅପରାହ୍ନରେ କୂଅରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଗ୍ରାମବାସୀ ପକ୍ଷରୁ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଚାଷୀଙ୍କୁ ଚଣା ବିହନ ବଣ୍ଟନ

ପାପଡାହାଣ୍ଡି, ୧୪।୧୨ (ସମିସ): ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ଠାରେ ଆଜି ପାପଡାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ୪୦ ଜଣ କୃଷକଙ୍କୁ ଚଣା ବିହନ ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପରିଷଦ ସଭାପତି ମୋତିରାମ ନାୟକ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ମାଳତୀ ଭତରା, ସମିତି ସଭ୍ୟା ବୋଇଦି ଭତରା, ନୟାବ ସରପଞ୍ଚ ଯାହାଙ୍ଗୀର, ପାପଡାହାଣ୍ଡି ଏଡିଓ ବିଶ୍ୱଜିତ ସାହୁ, ଏଏଓ ମିସ ଏ. ଲାଭାନ୍ୟା, ଏଓ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ ଏବଂ କୃଷକ ସାଥି ଯୋଗ ଦେଇଥିଲେ। ଏହି ଅବସରରେ ଜଟାବାଲ ପଞ୍ଚାୟତର ମୋଟ ୪୦ ଜଣ ଚାଷୀଙ୍କୁ ଜଣକ ପିଛା ଦେଢ ଏକର ଜମି ପାଇଁ ୨୫ କିଗ୍ରା ହିସାବରେ ବିହନ ମାଗଣାରେ ବଣ୍ଟନ କରାଯାଇଛି

# ମାଝୀଧନୁଅର ଛାତ୍ର ବିଷ୍ଣୁଙ୍କ ସଫଳତା



କୋଷାଗୁମୁଡା,୧୪।୧୨(ସମିସ): ଚଳିତ ବର୍ଷ ଶକ୍ତି ସଂରକ୍ଷଣ ପ୍ରକଳ୍ପ ୧୩ରୁ ୧୪ ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ହୋଇଯାଇଛି। ଉକ୍ତ ପ୍ରକଳ୍ପ ପ୍ରଦର୍ଶନୀରେ ନବରଙ୍ଗପୁର ଜିଲ୍ଲାରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଅର ଛାତ୍ର ବିଷ୍ଣୁ ଚଣ୍ଡଳ ଅଂଶ ଗ୍ରହଣ କରି ସଫଳତାର ସହ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆସି ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ବିଷ୍ଣୁର ପ୍ରକଳ୍ପ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଷ୍ଣୁ ନିପୁଣ ଭାବରେ ନିଜ ପ୍ରକଳ୍ପ ଭବିଷ୍ୟତର ସ୍ମାର୍ଟ୍ ବିଦ୍ୟାଳୟରେ କିପରି ସୌର ଏବଂ ଜଳକୁ ବ୍ୟବହାର କରି ଶକ୍ତି ସଂରକ୍ଷଣ କରିପାରିବ ବୁଝାଇଥିଲେ। ଉକ୍ତ ପ୍ରକଳ୍ପର ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ ଛାତ୍ରକୁ ସଠିକ୍ ମାର୍ଗ ଦର୍ଶନ କରି ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପରେ ଅଂଶ ଗ୍ରହଣ କରିପାରିଛନ୍ତି। ଉପାନ୍ତ ଅଞ୍ଚଳର ଛାତ୍ର ଛାତ୍ରୀମାନେ ବିଭିନ୍ନ ସମୟରେ ଅନେକ କାର୍ଯ୍ୟ କ୍ରମରେ ଯୋଗଦାନ୍ ଦେଉଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ମାଲିକ ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ନିଜସ୍ୱ ଖର୍ଚ୍ଚରେ ଆବର୍ଜନା ସଫା କଲେ ଯୁବକ



ନନ୍ଦପୁର, ୧୪।୧୨ (ସମିସ): ନନ୍ଦପୁରର ଜଣେ ଯୁବକ କ୍ରାନ୍ତି କୁମାର ନିଜସ୍ୱ ଉଦ୍ୟମ ଓ ନିଜସ୍ୱ ଖର୍ଚ୍ଚରେ ମୁଖ୍ୟ ରାସ୍ତା କଡରେ ପଡ଼ିଥିବା କୁଢ଼ କୁଢ଼ ଆବର୍ଜନା ସଫା କରିଛନ୍ତି। ନନ୍ଦପୁର ମୁଖ୍ୟ ରାସ୍ତା କଡ଼ରେ ସ୍ଥିତ କୁମ୍ଭାର ସାହି ସ୍କୁଲ ନିକଟରେ ବହୁ ଦିନ ଧରି କୁଢ଼ କୁଢ଼ ଆବର୍ଜନା ଭରି ରହିଥିଲା। ଆବର୍ଜନା ସଂକ୍ରାନ୍ତରେ ବହୁବାର ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ। ନନ୍ଦପୁର ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ମଧ୍ୟ ଏହି ସହରର ସୌନ୍ଦର୍ଯ୍ୟ ବଜାୟ ରଖିବା ଦିଗରେ କୌଣସି ପ୍ରଶାସନ ବା ରାଜନେତା ବା ସ୍ଥାନୀୟ ଜନତାଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ନିଜ ଆବାସ ନିକଟରେ ସେହି ଆବର୍ଜନା ଜମି ରହିଥିବା ଯୋଗୁ କ୍ରାନ୍ତି ନିଜସ୍ୱ ଖର୍ଚ୍ଚରେ ଏକ ଜେସିବି ଯୋଗେ ଆବର୍ଜନା ହଟାଇ ଗ୍ରାମବାସୀଙ୍କ ପାଇଁ ଉଦାହରଣ ସାଜିଛନ୍ତି।

**● ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା**

## ପରୀକ୍ଷା ଦେଲେ ୫୩୪୫ ପରୀକ୍ଷାର୍ଥୀ

ତେନ୍ତୁଲିଖୁଣ୍ଟି ୧୪।୧୨(ସମିସ): ଆଜି ସମଗ୍ର ନବରଙ୍ଗପୁର ଜିଲ୍ଲାର ୧୦ ଟି ବ୍ଲକ ଅନ୍ତର୍ଗତ ୨୫ ଟି ପରୀକ୍ଷା କେନ୍ଦ୍ରରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ନବୋଦୟ ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ତଥା ଜିଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟ ଅଧକ୍ଷ ଡ଼ଃ ପୀତବାସ ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୁଦାୟ ୬୦୨୯ ଆବେଦନକାରୀଙ୍କ ମଧ୍ୟରୁ ୫୩୪୫ ପରୀକ୍ଷାର୍ଥୀ ଶୃଙ୍ଖଳାର ସହ ପରୀକ୍ଷା ଦେଇ ଥିବା ବେଳେ ୬୮୪ ଜଣ ଅନୁପସ୍ଥିତ ଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକ ରେ ୪୦୮ ଆବେଦନକାରୀଙ୍କ ମଧ୍ୟରୁ ୩୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ନବରଙ୍ଗପୁର ବ୍ଲକ ରେ ୪୧୪ ରୁ ୩୬୨ , ଉମରକୋଟ ରେ ୧୦୨୦ ରୁ ୯୧୦ , ଚନ୍ଦାହାଣ୍ଡି ରେ ୫୨୩ ରୁ ୫୦୪ , କୋଷାଗୁମୁଡ଼ା ରେ ୭୩୫ ରୁ ୬୪୮ , ପାପଡ଼ାହାଣ୍ଡି ରେ ୫୩୪ ରୁ ୪୫୮ , ଝରିଗାଁ ରେ ୬୮୩ ରୁ ୫୮୫ , ଡ଼ାବୁଗାଁ ରେ ୪୪୯ ରୁ ୩୬୦ , ରାଇଘର ରେ ୧୦୦୭ ରୁ ୯୧୪ ଓ ନନ୍ଦାହାଣ୍ଡି ରେ ସର୍ବନିମ୍ନ ୨୫୬ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୧୬ ଜଣ ପରୀକ୍ଷାର୍ଥୀ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ୧୩ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଜବାହର ନବୋଦୟ ବିଦ୍ୟାଳୟ ଉପାଧକ୍ଷ ପି ସିତାରାମଙ୍କ ସହ ୧୨ ଜଣ ଅଧ୍ୟାପକ ଅଧ୍ୟାପିକା ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ପରିଚାଳନା କରିଥିଲେ।

## ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକୀ ଅଧିବେଶନ




ଜୟପୁର, ୧୪।୧୨(ସମିସ): ମୁମ୍ବାଇ ଆଇଆଇଟି ଠାରେ ଭାରତୀୟ ଦର୍ଶନ ପରିଷଦର ଶତବାର୍ଷିକ ଅଧିବେଶନ ଗତ ୯ ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହାରେ ସର୍ବପଲ୍ଲୀ ରାଧାକୃଷ୍ଣନ ଏବଂ ରାନୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଦେଶବିଦେଶର ଉଚ୍ଚତର ଶିକ୍ଷା ଓ ଗବେଷଣା ଅନୁଷ୍ଠାନରୁ ୫୦୦ରୁ ଅଧିକ ପ୍ରତିନିଧି ଦର୍ଶନର ଏହି ମହାକୁମ୍ଭରେ ଯୋଗଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଡଃ ନନ୍ଦିନୀ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ଡଃ ପତିତପାବନ ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟ ଡଃ କଲ୍ୟାଣୀ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ ଡଃ. ଲକ୍ଷ୍ମଣ ପାତ୍ର, ଗୋପ ମହାବିଦ୍ୟାଳୟର ଅଧ୍ୟାପିକା ଡଃ ପ୍ରଜ୍ଞା ଦାସ କାନୁନଗୋ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ଦୁର୍ଗାମାଧବ ପ୍ରହରାଜଙ୍କ ଦ୍ୱାରା ସମ୍ପାଦିତ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଗଣେଶ ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ ଏକ ଅଭିନନ୍ଦନ ଗ୍ରନ୍ଥ ଉଦ†ାଟନୀ ଉତ୍ସବରେ ଉନ୍ମୋଚିତ ହୋଇ ତାଙ୍କୁ ସମର୍ପଣ କରାଯାଇଥିଲା।

# ଆଜି ରାୟଗଡ଼ାରୁ ୬ଟି ଜିଲ୍ଲାର ୭୭୫ ଜଣଙ୍କ ତୀର୍ଥଯାତ୍ରା

ରାୟଗଡ଼ା,୧୪।୧୨(ସମିସ):

ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଦକ୍ଷିଣ ଭାରତର ରାମେଶ୍ୱରମ ଓ ମଦୁରାଇ ଭଳି ପ୍ରସିଦ୍ଧ ତୀର୍ଥସ୍ଥାନକୁ ସୋମବାର ପୂର୍ବାହ୍ନରେ ଯାତ୍ରା କରିବେ ଦକ୍ଷିଣ ପଶ୍ଚିମ ଓଡିଶାର ୬ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଏବଂ ୨୫ଜଣ ଏସକର୍ଟ। ମୋଟ ୮୦୦ଜଣ ଏହି ତୀର୍ଥସ୍ଥାନକୁ ଯାତ୍ରା କରିବାକୁ ଥିବା ବେଳେ ଏହି ତୀର୍ଥଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ଉତ୍ସାହିତ କରିବା ତଥା ସେମାନଙ୍କ ଯାତ୍ରାର ଶୁଭ କାମନା କରିବା ସହ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେବେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ,ମହିଳା ଓ ଶିଶୁ ବିକାଶ ବିଭାଗୀୟ ମନ୍ତ୍ରୀ ପ୍ରଭାତି ପରିଡା। ଯାହାକୁ ନେଇ ରେଳବାଇ ଆଇଆରସିଟିସି ଓ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ସହଯୋଗରେ ତୀର୍ଥଯାତ୍ରୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଯାଇଛି। ଏ ନେଇ ମିଳିଥିବା ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରାରେ ରାୟଗଡ଼ା ଜିଲ୍ଲାରୁ ୧୧୮ ଜଣ, କୋରାପୁଟରୁ ୧୬୮ ଜଣ, ନବରଙ୍ଗପୁରରୁ ୧୪୮ ଜଣ, ମାଲକାନଗିରିରୁ ୭୫ଜଣଙ୍କ ସମେତ ନୂଆପଡା ଜିଲ୍ଲାରୁ ୭୪ ଏବଂ କଳାହାଣ୍ଡି ଜିଲ୍ଲାରୁ ୧୯୨ଜଣ ମୋଟ ୭୭୫ଜଣ ବରିଷ୍ଠ ନାଗରିକ ତୀର୍ଥ ସ୍ଥଳ ଭ୍ରମଣ କରି ଆସନ୍ତା ଡିସେମ୍ବର ୨୦ତାରିଖରେ ପୁଣି ଟ୍ରେନ ଯୋଗେ ଫେରିବେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ସଚିବ, ଦକ୍ଷିଣାଞ୍ଚଳ ଆରଡିସି, ସ୍ଥାନୀୟ ସାଂସଦ, ବିଧାୟକଙ୍କ ସମେତ ଜିଲ୍ଲା ପ୍ରଶାସନିକ ଏବଂ ରେଳବାଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ୬୦ରୁ ୭୫ବର୍ଷ ବୟସର ବରିଷ୍ଠ ନାଗରିକମାନଙ୍କ ପାଇଁ ମାଗଣାରେ ତୀର୍ଥ ଭ୍ରମଣ ପାଇଁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା କରିଛନ୍ତି ରାଜ୍ୟ ସରକାର।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



ସୁନାବେଡା,୧୪।୧୨ (ସମିସ): ସୁନାବେଡା ସ୍ଥିତ ଇନଷ୍ଟିଚ୍ୟୁସନ୍ ଏଫ୍ ଇଞ୍ଜିନିୟରସ୍ (ଇଣ୍ଡିଆ) ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରାଜ ପଲମା ଉନ୍ନୀତ ଆଶ୍ରମ ବିଦ୍ୟାଳୟରେ ପାଳିତ ହୋଇ ଯାଇଛି। ଆଇଇଆଇର ଚେୟାରମ୍ୟାନ୍ ସଞ୍ଜୟ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏକ୍ୟୁଏ, ଡିଜିଏ କ୍ୟୁଏ ର ଅତିରିକ୍ତ ମହାନିର୍ଦ୍ଦେଶକ ହର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସୁନାବେଡା ହାଲର ଅତିରିକ୍ତ ମହା ପ୍ରବନ୍ଧକ ଅରବିନ୍ଦ ସ୍ୱାମୀ ସମ୍ମାନିତ ଅତିଥି ଏବଂ ଇଂ. ସୁନିଲ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମସ୍ତେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଶକ୍ତିର ଶୂନ୍ୟ ଅପଚୟକୁ ସୁନିଶ୍ଚିତ କରିବା ଏବଂ ଏକ ସୁସ୍ଥ ପରିବେଶ ଏବଂ ନିରନ୍ତର ଭବିଷ୍ୟତ ପାଇଁ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଶକ୍ତିକୁ ଆବଶ୍ୟକ ମୁତାବକ ବ୍ୟବହାର କରି ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ କିପରି କରିବା ସେ ଦିଗରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ। ଛୋଟ କାର୍ଯ୍ୟ ଠାରୁ ଆରମ୍ଭ କରି ବଡ଼ କାର୍ଯ୍ୟକ୍ରମ ମାନଙ୍କରେ ଅନାବଶ୍ୟକ ଲାଇଟ୍ , ଫ୍ୟାନ , ଟି ଭି ଆଦି ବନ୍ଦ କରିବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ରାଜ୍‌ଙ୍କ, ଶିକ୍ଷୟିତ୍ରୀ ଅଞ୍ଜଳି ଦୋରା, ସମାଜ ସେବୀ ଶେଖ ଇବ୍ରାହିମ୍, ଆଇ ଇ ଆଇ ର କାର୍ଯ୍ୟନିର୍ବାହୀ ସଦସ୍ୟ ନିହାରିକା ରୟ,ଅଞ୍ଜନା ନାୟକ, ହାଲ୍, ସୁନାବେଡାର ଇ. ବୁଦ୍ଧ ଦୋରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।

## 'ପରବ' ପାଇଁ ଗଣଦୌଡ଼

# ପୁରୁଷରେ ଦଳମଣି, ମହିଳାରେ ଦୟାମଣି ଓ ଦୀପ୍ତି ରାଣୀ ଚାମ୍ପିଅନ୍




କୋରାପୁଟ,୧୪।୧୨(ସମିସ): ଲୋକ ମହୋତ୍ସବ ପରବ ୨୦୨୫ ଉପଲକ୍ଷେ ବିଏସଏଫ ଓ ଜିଲ୍ଲା ପ୍ରଶାସନର ମିଳିତ ସହଭାଗିତାରେ କ୍ରସ କଣ୍ଟ୍ରି ରନ୍ ଆୟୋଜିତ ହୋଇଯାଇଛି। ଜିଲ୍ଲା ପୁଲିସ ପ୍ୟାରେଡ ପଡିଆରେ ଆୟୋଜିତ ଉଦଘାଟନୀ ସମାରୋହରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୯୦୦ ରୁ ଅଧିକ ପ୍ରତିଯୋଗୀ ଯୋଗଦାନ କରିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା, ବିଏସଏଫ ଡିଆଇଜି ସତ୍ୟବାନ ଖାଞ୍ଚି ଅତିଥି ଭାବରେ ଯୋଗ ଦେଇଥିଲେ। ୫ କିମିର ଏହି ଗଣଦୌଡ ନିମନ୍ତେ ବିଏସଏଫ ତରଫରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ଏହି କ୍ରସ କଣ୍ଟ୍ରି ରନ କୋରାପୁଟର ବିଶେଷ ଆକର୍ଷଣ ଥିଲା ପୁରସ୍କାର ରାଶି, ପ୍ରଥମ ପୁରସ୍କାର ୧୦, ୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୮,୦୦୦ ଟଙ୍କା, ତୃତୀୟ ପୁରସ୍କାର ୫୦୦୦ ଟଙ୍କାର ଚେକ ସହ ମେଡାଲ ଓ ମାନପତ୍ର ଓ ଏହି ଦୌଡ଼ରେ ପୁରୁଷ ବର୍ଗରେ ଦଳମଣି ଚିରଗୁଣ (ବଲାଙ୍ଗୀର) ପ୍ରଥମ, ରବି ମୁଦୁଲି (କୋରାପୁଟ ) ଦ୍ୱିତୀୟ, ସିଦ୍ଧାର୍ଥ ଗୌତମ ଜେନା (କୋରାପୁଟ) ତୃତୀୟ ସ୍ଥାନ ହାସଲ କରିଥିଲେ ଓ ସେହିପରି ମହିଳା ବର୍ଗରେରେ ଦୟାମଣି ହରିଜନ (ଜୟପୁର) ଓ ଦୀପ୍ତି ରାଣୀ ସାହୁ (ଭୁବନେଶ୍ୱର) ଯୁଗ୍ମ ଭାବେ ପ୍ରଥମ, ପୂର୍ଣ୍ଣିମା ସଦିଆଲ (ଭୁବନେଶ୍ୱର) ଦ୍ୱିତୀୟ, ଅଞ୍ଜନା ଗରଡ଼ା (ଭୁବନେଶ୍ୱର) ତୃତୀୟ ସ୍ଥାନ ହାସଲ କରିଥିଲେ ଓ ଏହି ସଫଳ ପ୍ରତିଯୋଗୀଙ୍କୁ ମଞ୍ଚରେ ମେଡାଲ, ମାନପତ୍ର ତଥା ଚେକ ପ୍ରଦାନ କରି ପୁରସ୍କୃତ କରାଯାଇଛି । ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ସହ ଦୌଡରେ ଉତ୍ସାହିତ କରିବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ସୂର୍ଯ୍ୟକାନ୍ତ ବେହେରା, କୋମାଣ୍ଡ ରବୀନ୍ଦ୍ର ସିଂ ଭଣ୍ଡାରୀ, କୋମାଣ୍ଡ ୧୦୮ ବାଟାଲିୟନ ସଂଜୟ ଦାସ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧା ରାଣୀ ସରକାର ଯୋଗ ଦେଇ ଥିଲେ। ଏଥିରେ ଏନସିସି, ଅଗ୍ନିଶମ ବିଭାଗ ତଥା ଡାକ୍ତରୀ ଦଳ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ସମ୍ମିଳନୀ



ମାଥିଲି,୧୪।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରୁ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକାର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶିଶୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମାନଙ୍କ ମଧ୍ୟରେ ସଂସ୍କାର ଓ ନୀତି ଦିନର ନିଜର କାର୍ଯ୍ୟ ସମ୍ପାଦନ କରିବେ ସେଥିପାଇଁ ଶିଶୁ ବିଦ୍ୟା ମନ୍ଦିରର ମୁଖ୍ୟ ଉଦେଶ୍ୟ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ସ୍ୱାଇଁ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ସାମଲ, ପାଣ୍ଡିରିପାଣି ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦଳେଇ, ୭ ୯ ନମ୍ବର ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ବିଶ୍ୱାସ , ୭୪ ନମ୍ବର ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଥିକା ହାଲଦାର ଯୋଗ ଦେଇଥିଲେ ।

## ଇସାକ୍‌ଙ୍କ ବିୟୋଗରେ ଶୋକସଭା

ରାୟଗଡା, ୧୪।୧୨(ସମିସ ): ୱାର୍କର୍ସ ଇଣ୍ଟରନ୍ୟାସନାଲ ସେକ୍ରେଟାରୀ ଜେନେରାଲ ଏସ. ଇସାକଙ୍କ ବିଶାଖାପାଟଣାଠାରେ ୮୨ ବର୍ଷ ବୟସରେ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି । ୱାର୍କର୍ସ କ୍ଲବ୍ ରାୟଗଡାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଇସାକ୍ ଆଜୀବନ ଅବୈତନିକ ସଭ୍ୟ ଭାବରେ ୱାର୍କର୍ସ ଇଣ୍ଟରନ୍ୟାସନାଲ ମୁଭମେଣ୍ଟର ଉନ୍ନତି ପାଇଁ ଉତ୍ସର୍ଗ କରି ଦେଇଥିଲେ । ଏହି ଶୋକ ସଭାରେ ସଭାପତି ଦାଶରଥି ରାଜଗୁରୁ, ଟି ଜୟରାମ, ଅଭିମନ୍ୟୁ ନାୟକ, ଉଦୟ ଚନ୍ଦ୍ର ପଣ୍ଡା, ଜଳନ୍ଧର ପୁସିକା, ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ, ଗୋପାଳ ଜୈନ, କୋଷାଧ୍ୟକ୍ଷ, ବିଶ୍ୱନାଥ ସାହୁ, ହରିଶ୍ଚନ୍ଦ୍ର ଶବର, ବ୍ରଜ ସୁନ୍ଦର ନାୟକ, ଶଙ୍କର୍ଷଣ ମଙ୍ଗରାଜଙ୍କ ସମେତ ଅନ୍ୟ ସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ ।

### ସବୁ ନୀତି ନିୟମକୁ ଫୁ'

# ବେଆଇନ କ୍ରସର; ମାଫିଆ ମାଲାମାଲ

ମୁନିଗୁଡା,୧୪।୧୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଦେଓକୁପଲି ଗ୍ରାମ ନିକଟରେ ସରକାରଙ୍କ ସବୁ ନୀତି ନିୟମକୁ ଫୁ କରି ଚାଲିଛି ବେଆଇନ କ୍ରସର୍ । ବର୍ଷବର୍ଷ ଧରି ଏହା ଚାଲିଥିଲେ ବି ଚୁପ୍ ବସିଥିଲେ ଖଣି ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରାଶାସନିକ ଅଧିକାରୀ । ଆଉ ଏବେ ଏକଥା ଲୋକଲୋଚନକୁ ଆସିବା ପରେ ଆରମ୍ଭ ହୋଇଛି ସ୍ଥିତି ଅନୁଧ୍ୟାନ ପ୍ରକ୍ରିୟା । କେଉଁଠି ବେଆଇନ ପଥର ଖନନ । ତ ଆଉ କେଉଁଠି ବେଆଇନ କ୍ରସର । ନା ବ୍ଲାଷ୍ଟିଙ୍ଗର ଅନୁମତି ଅଛି ନା କ୍ରସରର ଖାତା ଖତିଆନ । ଗଛ କାଟିବା ଲାଗି ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ବି ନାହିଁ । ଏସବୁ ବାବଦକୁ ଟିକସ କି ରୟାଲଟି ମଧ୍ୟ ଦେଇନାହିଁ ସମ୍ପୃକ୍ତ କ୍ରସର ମାଲିକ । ରାସ୍ତା ନିର୍ମାଣ ଆଳରେ ନିଜର ମନମାନି ଚଳାଇଥିବା ବେଳେ ବେଆଇନ୍ କାରବାର ଚଳାଇଛନ୍ତି କ୍ରସର ମାଲିକ । ରେଳ ବିଭାଗର ତୃତୀୟ ଧାରଣା ସମ୍ପ୍ରସାରଣ କାର୍ଯ୍ୟକୁ ଭିତ୍ତି କରି ଆଇରନ ଟ୍ରେଙ୍ଗୁଲାର ନାମକ ଘରୋଇ କମ୍ପାନୀ ଗଢିଥିଲା ଏକ କ୍ରସର ୟୁନିଟ୍ । ରେଳ ସମ୍ପ୍ରସାରଣ କାର୍ଯ୍ୟ ସହ ପରିବେଶ ନିୟନ୍ତ୍ରଣ ବୋର୍ଡର ଅବଧି ମଧ୍ୟ କେଉଁ କାଳରୁ ସରି ସାରିଲାଣି । କିନ୍ତୁ ଏବେ ବି ବେଆଇନ ଭାବେ ଚାଲିଛି ଏହି କ୍ରସର ୟୁନିଟ୍ । ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଏବେ ପାଲଟିଛି ବେଆଇନ ପଥର ଉତ୍ତୋଳନ ଏବଂ ବାଲି ଚାଲାଣର କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି । ହେଲେ ଏହି ବେଆଇନ କ୍ରସରକୁ ବନ୍ଦ କରିବାରେ ସରକାରୀ ବାବୁ ମାନେ ବିଫଳ ହେଉଛନ୍ତି । ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର । ଏହାକୁ ବାଦ ଦେଲେ

### ଜାଣି ଶୁଣି ଚୁପ୍ ପ୍ରଶାସନ



ଗଣ୍ଡା ଘର କ୍ଷ ପରିବେଶ ନିୟନ୍ତ୍ରଣ ବୋର୍ଡ ର ଖାମଖିଆଲି ନୀତି ଯୋଗୁଁ ୨୦୨୪ ମାର୍ଚ୍ଚ ରୁ ଅବଧି ଶେଷ ହେବା ପରେ ମଧ୍ୟ ମୁନିଗୁଡା ବ୍ଲକ କୁମୁଡା ବାଲି ପଞ୍ଚାୟତ ଦେଓକୁପଲି ଗ୍ରାମ ର ଏହି ଘରୋଇ କମ୍ପାନୀ ପଥର ପ୍ରୋସେସିଂ ନିରନ୍ତର ଜାରି ରଖିଛି କ୍ଷ କେତେ ବେଳେ ବ୍ଲାଷ୍ଟିଙ୍ଗରେ ଖଣି ନିକଟ ଗାଁ ଲୋକ ଙ୍କ ନିଦ ହଜୁଛି ତ ଆଉ କେତେ ବେଳେ ଧୂଳି ଧୂଆଁ ରେ ହଜି ଯାଉଛି ଗାଁ ଆଉ ସଡ଼କ । ସେପଟେ ଦେଢ଼ ବର୍ଷ ଧରି ବେଆଇନ କ୍ରସର ଚଳାଇ ମାଫିଆ ମାନେ ମାଲେମାଲେ ହେଉଥିବା ବେଳେ ନିଦାବିଷ୍ଟ ସାଜିଛି ପ୍ରଶାସନ । ଗୋଟିଏ କ୍ରସର ୟୁନିଟ ଯୋଗୁଁ ସରକାର କୋଟି କ୍ରସର ଯୋଗୁଁ ଉଠୁଥିବା ପଥର ଗୁଣ୍ଡ ପଡୋଶୀ ଗ୍ରାମର କ୍ଷେତ ଉପରେ ଧଳା ଚାଦର ବେଢି ଦେଉଥିବା ବେଳେ ଫସଲକୁ ନଷ୍ଟ କରୁଛି । ରାତିରେ କ୍ରସର ଚାଲୁଥିବା ଯୋଗୁ ଲୋକଙ୍କ ନିଦ ହଜି ଯାଇଥିବା କ୍ରସରର ଆଖପାଖ ଗାଁ ଲୋକେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଜଙ୍ଗଲ ବିଭାଗ ଓ ଖଣି ଅଧିକାରୀଙ୍କ ନାକ ତଳେ ବର୍ଷବର୍ଷ ଧରି ବେଆଇନ କାରବାର ଚାଲିଥିବା ନେଇ ଅନେକ ସମୟରେ ଜିଲ୍ଲା ପ୍ରଶାସନ ଓ ପରିବେଶ ନିୟନ୍ତ୍ରଣ ବୋର୍ଡକୁ ଗ୍ରାମବାସୀ ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ପ୍ରଶାସନ କିଭଳି ଭାବେ ଚୁପ ବସିଛି ଓ କ୍ରସର ମାଲିକଙ୍କ ମୁଣ୍ଡ ଉପରେ କାହାର ହାତ ରହିଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ବେଆଇନ ଖଣି ଖନନ ଏବଂ ପ୍ରଦୂଷଣ ରୋକିବା ପାଇଁ ଅଛି ଅନେକ ଆଇନ । ହେଲେ ସବୁ ଆଇନ ଏଠି ଫିକା ପଡି ଯାଉଛି । ମୁନିଗୁଡା ତହସିଲଦାର ଓ ଜିଲ୍ଲା ଖଣି ବିଭାଗ ଏହା ଆମ କାର୍ଯ୍ୟାଳୟ ପରିସର ରେ ଆସୁ ନାହିଁ କହୁଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ପ୍ରଦୂଷଣ ବିଭାଗ ତଦନ୍ତ କରି ଫେରିଥିବା କହୁଛି । ଘଟଣା ଲୋକଲୋଚନକୁ ଆସିବା ଓ ସମ୍ପ୍ରତି ରାୟଗଡ଼ା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ମୁନିଗୁଡା ତହସିଲଦାର ଓ ଖଣି ବିଭାଗ ଅଧିକାରୀ ଉକ୍ତ କ୍ରସରକୁ ଯାଇ ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି । ତେବେ ଏଠି ପ୍ରଶ୍ନ ଉଠୁଛି, ଦୀର୍ଘ ୧ ବର୍ଷ ୯ ମାସ ଧରି ବେଆଇନ କ୍ରସର ଚାଲୁଥିବା ବେଳେ ପ୍ରଶାସନ କେଉଁ ପରିସ୍ଥିତିରେ ଜାଣି ପାରିଲାନି । ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇ ଥିବା ବେଳେ ଏଥିପାଇଁ ପ୍ରଶାସନ ସଂପୂର୍ଣ୍ଣ ଦାୟୀ ବୋଲି ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରିଛନ୍ତି । ରାଜସ୍ୱ ଘଟଣା ବିଷୟରେ ରାୟଗଡ଼ା ଜିଲ୍ଲାପାଳଙ୍କୁ ପଚାରିବାରୁ ତହସିଲ ଓ ଖଣି ବିଭାଗ ଉଭୟ ଯାଞ୍ଚ କରି କ୍ରସରର କାଗଜପତ୍ର ଯାଞ୍ଚ୍ କରିବା ପାଇଁ ସହ ନୋଟିସ ଜାରି କରିବେ । କାଗଜପତ୍ର ଠିକ୍ ନଥିଲେ ଉକ୍ତ ବେଆଇନ କ୍ରସରକୁ ସିଲ୍ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ।

## ରାମେଶ୍ୱରମ୍, ମଦୁରାଇ ଦର୍ଶନରେ ଗଲେ ୭୫ ବରିଷ୍ଠ ନାଗରିକ



ମାଲକାନଗିରି, ୧୪।୧୨(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ମାଲକାନଗିରି ଜିଲ୍ଲାରୁ ୭୫ ଜଣ ରାୟଗଡ଼ା ଅଭିମୁଖେ ଆଜି ଯାତ୍ରା କରିଛନ୍ତି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସ୍ଥାନୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସରୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଆରଟିଓ ଇନ୍ସପେକ୍ଟର ଦୀପକ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ରାଜୀବ ପୂଜାରୀ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶୁଭାସିନୀ ମଲ୍ଲିକ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁଖଦ ଯାତ୍ରା ପାଇଁ ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ବରିଷ୍ଠ ନାଗରିକ ତୀର୍ଥ ଯୋଜନା ମାଧ୍ୟମରେ ଜିଲ୍ଲାର ୭୫ ଜଣ ବରିଷ୍ଠ ନାଗରିକଙ୍କ ତାମିଲନାଡୁ ରାଜ୍ୟ ର ରାମେଶ୍ୱରମ ଓ ମଦୁରାଇ ତୀର୍ଥ କ୍ଷେତ୍ର ପରିଦର୍ଶନର ସ୍ୱପ୍ନ ପୂରଣ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ସେମାନଙ୍କ ନିମନ୍ତେ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ୭୫ ଜଣଙ୍କ ମଧ୍ୟରୁ ୪୦ ଜଣ ପୁରୁଷ ରହିଥିବା ବେଳେ ୩୫ ଜଣ ମହିଳା ତୀର୍ଥ ଯାତ୍ରୀ ରହିଛନ୍ତି । ଆଜି ସମସ୍ତ ଯାତ୍ରୀ ରାୟଗଡ଼ା ପହଞ୍ଚିବା ପରେ ସେଠାରେ ବିଶ୍ରାମ କରିବେ ଓ ଆସନ୍ତାକାଲି ରାୟଗଡ଼ା ରେଳ ଷ୍ଟେସନରୁ ତୀର୍ଥ କ୍ଷେତ୍ର ଅଭିମୁଖେ ବାହାରିବେ । ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ଟ୍ରେନରେ ସେମାନଙ୍କ ସୁବିଧା ପାଇଁ ମେଡିକାଲ ବ୍ୟବସ୍ଥା, ଗାଇଡ୍, ଖାଦ୍ୟ ପାନୀୟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାରୁ ଏସକର୍ଟ ଅଧିକାରୀ ଭାବେ କ୍ରୀଡ଼ା ପ୍ରଶିକ୍ଷକ ବବିତା ମହାନ୍ତି ଓ ଖଇରପୁଟ ତହସିଲର ରାଜସ୍ୱ କର୍ମଚାରୀ ସରୋଜ ନାୟକ ସାଥିରେ ଗସ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି, ସନ୍ତୋଷ ବିଶ୍ୱାସ, ଲକ୍ଷ୍ମୀ ଜାଲା, ଲଛମି ମୁଦୁଲି ଓ ଶୁକ୍ରା କିର୍ଷାନି ସହଯୋଗ କରିଥିଲେ ।

## ପଦ୍ମପୁର ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଚଇତି'



ପଦ୍ମପୁର,୧୪।୧୨(ସମିସ): ରାୟଗଡ଼ା ଜିଲ୍ଲାର ବହୁ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକଲୋଚନାକୁ ଆଣିଥିବା ପଦ୍ମପୁରର ଚଇତି ମହୋତ୍ସବ ଆଜି ପାଳନ କରାଯାଇଛି । ଆଜି ପୂର୍ବାହ୍ନ ୧୦ଟା ସମୟରେ ପଦ୍ମପୁର ସ୍ଥିତ ଚୀର ପ୍ରବାହିତ ଖମାପଦର ନାଳରୁ ପଦ୍ମପୁର ଚଇତି ଆବାହକ ତଥା ସଭାପତି, ବିଡ଼ିଓ କୁରେଶୁ ଚନ୍ଦ୍ର ଜାନୀ ଓ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବରଙ୍କ ଦ୍ୱାରା ସହସ୍ରାଧିକ କଳସରେ ଗଙ୍ଗା ଆବାହନ ପୂର୍ବ କଳରେ ଘଟସ୍ଥାପନ ପୁରାହିତ ବାହିନୀ ପତି କରିବା ପରେ ଜିଲ୍ଲାସ୍ତରୀୟ ଭାବେ ଚନ୍ଦ୍ରପୁରରୁ ମା'ମାଣିକେଶ୍ୱରୀଙ୍କ ପୀଠରୁ ଆସିଥିବା ଘଟକୁ ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର ମୁଣ୍ଡାଇବା ପରେ ଚଇତି ରଥ ସହର ପରିକ୍ରମା କରିଥିଲା । ଏହି ସମୟରେ ଘୁମୁରା ବାଦ୍ୟ, ଢାମ୍ପ, ଚାଙ୍ଗୁ, ଡିଜେର ତାଳ ତାଳେ ଶବର ରମଣୀମାନେ ନୃତ୍ୟ ଗୀତ କରି ପଦ୍ମପୁରର ଆରାଧ୍ୟା ଦେବୀ ମା'ଖିଲାମଣ୍ଡା ଠାକୁରାଣୀଙ୍କ ଠାରୁ ଆଜ୍ଞାମାଳ ଓ ପୂଜାର୍ଚ୍ଚନା କରି ପଦ୍ମପୁର ବିଜୟା ନନ୍ଦ ହାଇସ୍କୁଲ ଚଇତି ମଣ୍ଡପ ପଡ଼ିଆରେ ପହଞ୍ଚି ଥିଲେ । ସେଠାରେ କଳସ ସ୍ଥାପନା କରାଇଥିଲେ । ଏହି ସମୟରେ ବିଭିନ୍ନ ଷ୍ଟଲ୍ ଗୁଡିକୁ ଅତିଥି ମାନେ ବୁଲି ଦେଖିଥିଲେ । ପରେ ଅପରାହ୍ନରେ ଚଇତି ସାଂସ୍କୃତିକ ମଣ୍ଡପକୁ ଅତିଥି ମାନେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ମହୋତ୍ସବ ଚଇତିର ମଣ୍ଡପରେ ମଞ୍ଚ ପରିଚାଳନା କରିଥିଲେ ବିଦିଶା ଶତପଥୀ ଓ ଚିତ୍ତରଞ୍ଜନ ସେନାପତି । ଉକ୍ତ ମହୋତ୍ସବରେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପଦ୍ମପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଧାମୟୀ ବାରିକ୍, ଗୁଡ଼ାରୀ ବିଡ଼ିଓ ସୁସ୍ମିତା ବେହେରା,ସମନୀତ ଶିଶୁ ବିକାଶ ସୁପରଭାଇଜର ସାବିତ୍ରୀ ନାୟକ, ଗୋଷ୍ଠୀ ସଂଯୋଜକ ମିଶନ୍ ଶକ୍ତି କ୍ରାନ୍ତି କୁମାର ପାଢ଼ୀ, ମଙ୍ଗଳ ଅଧିକାରୀ ଅର୍ଚ୍ଚନା ପଣ୍ଡା, ଗ୍ରାମପଞ୍ଚାୟତ ଅଧିକାରୀ ଗୌରାଙ୍ଗ କାଦମ୍ବୁଲୁ, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଅଫିସର ସୀମାଚଳ ପଣ୍ଡା, ଯୋଗାଣ ଅଧିକାରୀ ଅମର ଶବର, ସିପି ଶଙ୍କର ପ୍ରସାଦ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝୀ, ସୀମାଚଳ ଦାଶ, ବିଦ୍ୟାଧର ଶବର, ହରେକୃଷ୍ଣ ପାଢ଼ୀ, ଉତ୍ତରା ଶବର, ମନୋଜ ଗମାଙ୍ଗ, ଦିଲୀପ କୁମାର କର, ଅଜିତ ଚୌଧୁରୀ, ମନୋଜ ଜେନା, ପ୍ରକାଶ ସେନାପତି, ସୁନିଲ୍ ମିଶ୍ର, ଗୋଦାବରୀ ରାଉତ, ରବିନାରାୟଣ ଆଚାର୍ଯ୍ୟ, ଦେବାଶିଷ ମହାପାତ୍ର, ପ୍ରକାଶ କଣ୍ଡାଗୀରି, ଅଦିତ୍ୟ ମିଶ୍ର, ସୁଜିତ୍ ତ୍ରିପାଠୀ,ଜଗନ୍ ମହନ୍ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ୨୭ଟି ଗ୍ରୁପ୍ ଅଂଶ ଗ୍ରହଣ କରିଥିଲେ । ଏହି ସମୟରେ ଅତିଥିମାନେ ତାଙ୍କ ଅଭିଭାଷଣରେ ମଧ୍ୟମରେ ଆଦିବାସୀ ସଂସ୍କୃତିର, ଲୋକଗୀତ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଆଦିବାସୀ ଇଲାକାର ବଣମଲ୍ଲୀ ଆଉ ବଣଭିତର ସୀମିତ ନ ରହି ତାର ପ୍ରତିଭା ଏହି ଚଇତି ସହରରେ ଦକ୍ଷତା ଦେଖାଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ହଜାର ହଜାର ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକକଳା,ଲୋକନୃତ୍ୟକୁ ମନଭରି ଉପଭୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଙ୍କ ସହ ପୋଲିସ ବାହିନୀ ସଜାଗ ରହିବା ଦେଖିବାକୁ ମିଳିଥିଲା ।

## 'ମିଟ୍ସ' ରାୟଗଡାରେ ଆଇବିଏମ୍ ନାସ୍‌କମ ଏଆଇ

ରାୟଗଡା,୧୪।୧୨(ସମିସ): ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ), ରାୟଗଡା ଦ୍ୱାରା ନସସକମ ଓ ଆଇବିଏମଙ୍କ ଜାତୀୟ ପଦକ୍ଷେପ ଅଧୀନରେ ୧୧ରୁ ୧୩ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ତିନି ଦିନିଆ 'ଆଇବିଏମ ଏଆଇ ଦକ୍ଷତା ଗଠନ' କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଉଦୟମାନ ଡିଜିଟାଲ ପ୍ରଯୁକ୍ତି କ୍ଷେତ୍ରରେ ଶିଳ୍ପ ସମ୍ପର୍କୀତ ଦକ୍ଷତା ସହିତ ଛାତ୍ରଛାତ୍ରୀମାନଙ୍କୁ ପାରଙ୍ଗମ କରିବା । ଏହି କାର୍ଯ୍ୟକ୍ରମରେ ମିଟ୍ସ, ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରୋଫେସନାଲ୍ ଷ୍ଟଡିଜ୍ (ମିପ୍ସ) ସହିତ ନିକଟସ୍ଥ ଉଚ୍ଚଶିକ୍ଷା ସଂସ୍ଥାଗୁଡ଼ିକ ମଧ୍ୟରେ ରାୟଗଡା ଅଟୋନୋମସ୍ କଲେଜ୍, ଭାମସି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ସିଟି କଲେଜ୍ ଏବଂ ମଡେଲ୍ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏଥିରେ ୮୦୦ ରୁ ଅଧିକ ଛାତ୍ରଛାତ୍ରୀ, ଯାହାରେ ପ୍ରାୟ ୨୫୦ ଜଣ ବାହ୍ୟ କଲେଜ୍‌ର ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ,ସକ୍ରିୟ ଭାବେ ଏହି ଦକ୍ଷତା ବିକାଶ ସୂତ୍ରରେ ଅଂଶ ନେଇଥିଲେ । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ମୁଖ୍ୟ ସଂସାଧନ ବ୍ୟକ୍ତି ସୁରଜ ସିଂହ ସାହି, ଡାଟା ଆନାଲିଷ୍ଟ, ସ୍କାଇପୋଷ୍ଟାଲ୍; ଏଆଇ ମେଣ୍ଟର ଓ ଗବେଷକ, ଆଇବିଏମ ଇଣ୍ଡିଆ ଏବଂ ରୁଟାବ୍ ମଲ୍ଲିକ୍, ସହ-ସ୍ଥାପକ, ଜିକ୍ଷା ଓ ପରାମର୍ଶଦାତା, ନାସସକମଙ୍କ ଦ୍ୱାରା କରାଯାଇଥିଲା । ଉଦ୍‌ଘାଟନୀ ଅନୁଷ୍ଠାନ ଡ. ସି.ଭି. ଗୋପୀନାଥ, ନିର୍ଦ୍ଦେଶକ, ମିଟ୍ସ, ଡ. ସନ୍ତାନୁ କୁମାର ମହାନ୍ତି, ଡିନ୍, ମିପ୍ସ, ଏବଂ ପ୍ରୋଫେସର ରାମାନୁଜ ନାୟକ, ପ୍ରଧାନାଚାର୍ଯ୍ୟ, ମିଟ୍ସଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ସଭାକୁ ସମ୍ବୋଧନ କରି ଡ. ସି ଭି ଗୋପୀନାଥ ଭବିଷ୍ୟତ ପ୍ରସ୍ତୁତ କ୍ୟାରିଅର ପାଇଁ ଏଆଇ ସାକ୍ଷରତା ଓ ଶିଳ୍ପ ଶିକ୍ଷା ସଂସ୍ଥା ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଡ. ଶାନ୍ତାନୁ କୁମାର ମହାନ୍ତି ଓ ପ୍ରୋଫେସର ରାମାନୁଜ ନାୟକ ଆଇବିଏମ ଦକ୍ଷତା ଗଠନ ଓ ନାସସକମ ପରି ଆନ୍ତର୍ଜାତୀୟ ପ୍ରଯୁକ୍ତି ଫ୍ରେମୱର୍କ ସହ ପରିଚୟ ଏବଂ ଲଗାତାର ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ବାସ୍ତବ ଏଆଇ ଟୁଲ୍ ଓ ବ୍ୟବହାରିକ ଉଦାହରଣ ସମ୍ପର୍କରେ ମୂଲ୍ୟବାନ ଅନୁଭବ ଅର୍ଜନ କରି ନିଜ ନିଯୁକ୍ତିଯୋଗ୍ୟତା ଓ ପ୍ରାଯୁକ୍ତିକ ଦକ୍ଷତା ବୃଦ୍ଧି କରିଥିଲେ । ସେହିପରି ଆଜି ୧୩ ଡିସେମ୍ବରରେ ସଂସାଧନ ବ୍ୟକ୍ତିମାନଙ୍କୁ ସମ୍ମାନିତ କରି ଫେଲିସିଟେସନ୍ ଅନୁଷ୍ଠାନ ସହିତ



କାର୍ଯ୍ୟକ୍ରମର ସମାପନ ହୋଇଥିଲା । ଭାଲେଡିକ୍ଟୋରୀ ସତ୍ରରେ କଲ୍ୟାଣ କୁମାର, ଟ୍ରେନିଂ ଏବଂ ପ୍ଲେସମେଣ୍ଟ ଅଫିସର, ମିଟ୍ସଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇ, ଆଇବିଏମ , ନାସସକମ, ଆୟୋଜକ ଦଳ ଓ ଛାତ୍ରଛାତ୍ରୀମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଇବିଏମ ଡିଜିଟାଲ ସର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଯାହା ଏହି ଏଆଇ ଦକ୍ଷତା ଗଠନ କାର୍ଯ୍ୟକ୍ରମର ସଫଳ ସମାପ୍ତିକୁ ସୂଚିତ କରିବା ସହ ମିଟ୍ସ ରାୟଗଡାର ଶିଳ୍ପ ସମନ୍ୱିତ ଓ ଭବିଷ୍ୟତମୁଖୀ ଶିକ୍ଷା ପ୍ରଦାନ ପ୍ରତି ଅଟୁଟ ପ୍ରତିବଦ୍ଧତାକୁ ପୁନଃରୁଚ୍ଚାରଣ କରେ ବୋଲି କୁହାଯାଇଛି ।

## ନୂଆଗାଁର ୟୁଆଇଏଲ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଟିକିରି,୧୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଉକ୍ତ ସ୍ୱାସ୍ଥ୍ୟ ଶିବିର କାଶୀପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ବାଫ୍ଲିମାଳି ଖଣି ସିଏସଆର୍ ତରଫରୁ ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, କର୍ପୋରେଟ ଆଫାୟାର ବିଭାଗ ଏଭିପି ସୂପର୍ଣ୍ଣା ନନ୍ଦ, ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ଉତ୍କଳ ହସ୍ପିଟାଲ ସିଏମଓ ଡ. ରାଜେନ୍ଦ୍ର ଲେଙ୍କା, ନୂଆପଡ଼ା ଉତ୍କଳ ଚିକିତ୍ସାଳୟ ମୁଖ୍ୟ ଡ. ରାଜେନ୍ଦ୍ର ମଣ୍ଡଳ ଓ ଖଣି ସିଏସଆର୍ ମୁଖ୍ୟ ମନୋଜ ଦାସ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ଶିବିରରେ ନୂଆଗାଁ ପଶ୍ୱସ୍ଥ ମାଇକାଞ୍ଚ, କୋଡ଼ିପାରି ପଞ୍ଚାୟତର ୩୯ ଗୋଟି ଗ୍ରାମବାସୀ ଓ ଦୁଇ ଗୋଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶିବିରରେ ଔଷଧ, ଚର୍ମ, ଶିଶୁ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଥିଲେ । ନୂଆଗାଁ ତଥା ଏହାର ଆଖପାଖ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ନିମିତ୍ତ ଚିକିତ୍ସାଳୟ ନଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ସମ୍ପ୍ରତି ସମସ୍ୟା ସକାଶେ ଉତ୍କଳ ଆଲୁମିନା ପକ୍ଷରୁ ପଦକ୍ଷେପ ସ୍ୱରୂପ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଅଛି । ବିଶେଷଜ୍ଞ ଡାକ୍ତର ଏହି ଶିବିରରେ ଯୋଗଦେଇ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପରାମର୍ଶ ଦେବା ସହିତ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ । ତେବେ ଉତ୍କଳ ଆଲୁମିନା ପକ୍ଷରୁ ଏପରି ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଅଛି । ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ପ୍ରକଳ୍ପ ମୁଖ୍ୟ ଏମ୍ ଦେବୀ ପ୍ରିୟା, ନିରୁପମା ବାରିକ, ଦିଲ୍ଲୀପ ନାଏକ ଓ ପୂର୍ଣ୍ଣରୁଥାନ ପ୍ରକଳ୍ପର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

### କୌଳିକ ବୃତ୍ତିରେ ପେଟ ଆଉ ପୂରୁନି

# ଦାଦନ ମୁହାଁ କୁମ୍ଭକାର ପରିବାର



ବିଷମ କଟକ,୧୪।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଚାଞ୍ଚଡାଗୁଡା ଗ୍ରାମ ପଞ୍ଚାୟତର ଭାଟଗୁଡା ଗ୍ରାମରେ ଦଶନ୍ଧି ଦଶନ୍ଧି ଧରି ୭୦ରୁ ଉର୍ଦ୍ଧ କୁମ୍ଭକାର ପରିବାର ବସବାସ କରନ୍ତି । ମାଟିପାତ୍ର ନିର୍ମାଣ ଏହି ପରିବାର ମାନଙ୍କ ଜୀବିକା ନିର୍ଭର ଏକ ପନ୍ଥାପାଲଟିଛି । ଏହି କୁମ୍ଭକାରମାନେ କୁମ୍ଭାର ଶାଳାରେ କଞ୍ଚାମାଟିରେ ମାଟି ସରା, ଦିପ, ରୁଖା, ମାଟି ହାଣ୍ଡି ଭଳି ଭଳିକି ଭଳି ପାତ୍ର ପ୍ରସ୍ତୁତି କରି ତାକୁ ନିଆଁରେ ପୋଡି ଗାଁ ଗାଁ ବୁଲି ଏବଂ ସ୍ଥାନୀୟ ଅଞ୍ଚଳର ବଜାରରେ ବିକ୍ରି କରି ପେଟ ପୋଷିବା ଏମାନଙ୍କ କୌଳିକ ପରମ୍ପରା । ଦିନ ସାରା କୁମ୍ଭାର ଶାଳରେ ମାଟିରେ ଘାଣ୍ଟି ହୋଇ ବିଭିନ୍ନ ବ୍ୟବହାର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ହେଲେ ପ୍ରସ୍ତୁତି ସାମଗ୍ରିର ଉଚିତ

### ସରକାରୀ ଆର୍ଥିକ ସହାୟତା ଅପେକ୍ଷାରେ କୁମ୍ଭକାର ପରିବାର

ବଜାର ନାହିଁ କି ଉନ୍ନତ ଜ୍ଞାନ କୌଶଳର ଅଭାବରୁ ଉନ୍ନତ ମାନର ସୁନ୍ଦର ମାଟି ସାମଗ୍ରୀ ପ୍ରସ୍ତୁତି ମଧ୍ୟ କରିପାରୁନାହାନ୍ତି । ମାଟି ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ନିଜ ନିଜର ପରିବାର ପ୍ରତିପୋଷଣ କରିବା କଷ୍ଟ ସାଧ ହେଉଥିବା କୁମ୍ଭକାର ମାନେ ପ୍ରକାଶ କରୁଛନ୍ତି । ତେଣୁ ବର୍ତମାନର ଯୁବ ପିଢି କୌଳିକ ବୃତ୍ତିକୁ ଛାଡ଼ି ଅନ୍ୟ କାର୍ଯ୍ୟରେ ନିୟୋଜିତ ହେବା ସହ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି । କଞ୍ଚା ମାଟିରେ ବିଭିନ୍ନ ସାମଗ୍ରୀ କରିବାର କୌଶଳ କୁମ୍ଭକାର ମାନଙ୍କ ପାଖରେ ରହିଥିଲେ ସୁଦ୍ଧା ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁଁ ଏହା ସମ୍ଭବ ହୋଇପାରୁନାହିଁ । ଦୀର୍ଘ ବର୍ଷ ହେଲା କୁମ୍ଭାର ଶାଳ ମଧ୍ୟ ବିପଦସଂକୁଳ ଅବସ୍ଥାରେ ରହିଛି । ଏହି ଶାଳକୁ ସଜାଡ଼ିବା ମଧ୍ୟ କୁମ୍ଭକାର ପରିବାରକୁ କଷ୍ଟସାଧ ହୋଇପଡିଛି । ସାମଗ୍ରୀର ଅଭାବୀ ବିକ୍ରି କାରଣରୁ ସେମାନଙ୍କ ଆର୍ଥିକ ଅବସ୍ଥା ଶଙ୍କଟରେ ପଡିଛି । ଭାଟଗୁଡା ଗ୍ରାମର କୁମ୍ଭକାର ମାନଙ୍କୁ ଟେରାକୋଟା ମାଟି କଳା ପ୍ରଶିକ୍ଷଣ ପ୍ରଦାନ କରିବା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଆର୍ଥିକ ସହାୟତ ପ୍ରଦାନ ଏ ଅଞ୍ଚଳରେ ମଧ୍ୟ ସୁନ୍ଦର ସୁନ୍ଦର ମାଟି ପାତ୍ର, ଘରକରଣା ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ଏବଂ କୁମ୍ଭକାର ମାନଙ୍କ ଆର୍ଥୀକ ସ୍ଥିତି ସୁଦୃଢ ହେବ

## ଶ୍ରୀ ଅରବିନ୍ଦ ଆଲୋକ ସେନାର କାର୍ଯ୍ୟକ୍ରମ



ଅମ୍ବାଦଳା,୧୪ ।୧୨(ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦ ଆଲୋକ ସେନାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସହ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ପ୍ରାର୍ଥନା, ମା'ପୁସ୍ତକ ପଠନ ସହ ମାତୃ ସଙ୍ଗୀତ ଗାନ କରାଯାଇଥିଲା । ପରେ ଶ୍ରୀ ଅରବିନ୍ଦ ପାଠ ଚକ୍ରର ଜିଲ୍ଲା ସଂଯୋଜକ ବିଜୟ କୁମାର ନାୟକ ଆଲୋକ ସେନା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଆଲୋକ ସେନା ଜିଲ୍ଲା ସଂଯୋଜକ ପ୍ରମୋଦ କୁମାର ପ୍ରଧାନ ଜିଲ୍ଲାର ବାରିଝୋଲା, ରାୟଗଡ଼ା ସହର, ଜେକେପୁର୍, ଏବଂ ଅମ୍ବାଦଳା ପ୍ରଭୃତି ୪ଟି ଶିକ୍ଷା କେନ୍ଦ୍ରର ୪୦ ଜଣ ଅଂଶୀଦାର ଛାତ୍ରଛାତ୍ରୀମାନଙ୍କୁ ଖେଳ ତଥା ଦଳଗତ ଆଲୋଚନା ମାଧ୍ୟମରେ ଆଲୋକ ସୈନିକମାନଙ୍କ ଶପଥ ପାଠ କରିଥିଲେ । ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରର ସଭାପତି ଟି. ଜଗାରାଓ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୦୨୫- ୨୬ ବାର୍ଷିକ ଉତ୍ସବରେ ବିଷମ କଟକ ନିର୍ବାଚନ ମଣ୍ଡଳୀର ବିଧାୟକ ନୀଳମାଧବ ହିକ୍‌କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମାଜ ସେବୀ ଗୌରାଙ୍ଗ ଚରଣ ରାଉତ, ଶିକ୍ଷାବିତ୍ ସୀମାଞ୍ଚଳ ତ୍ରିପାଠୀ, ବିଜୟ କୁମାର ନାୟକ, ସାମନ୍ତ ମହା ବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ, ରମେଶ ଚନ୍ଦ୍ର ସାମନ୍ତ, ନୀଳାମ୍ବର ବିଭାର, ରାମ ପ୍ରକାଶ କରକରିଆ, ମାନସ ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ । ଶ୍ରୀ ମା, ଶ୍ରୀ ଅରବିନ୍ଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ପୁଷ୍ପିତା ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଅଧ୍ୟବସାୟୀ ହେବାକୁ ଉପଦେଶ ଦେଇଥିଲେ । ଶିକ୍ଷକ ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ମାଲକାନଗିରି ଜିଲ୍ଲା ଉତ୍କଳ ସମ୍ମିଳନୀ ବାର୍ଷିକ ଉତ୍ସବ ପ୍ରସ୍ତୁତି

ମାଲକାନଗିରି, ୧୪।୧୨(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଜିଲ୍ଲା ଉତ୍କଳ ସମ୍ମିଳନୀର ବାର୍ଷିକ ଉତ୍ସବ ଓ ବିଭିନ୍ନ ବିଷୟକୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଅଶୋକ ମିଶ୍ର, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ସ୍ୱାଇଁ, ଉପ ସଭାପତି ଲମ୍ବୋଦର ଡୁରୁକ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୩୦ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବକୁ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ୩୦ ତାରିଖରେ ଜିଲ୍ଲା ସଦରରେ ଥିବା ପ୍ରତିମୂର୍ତ୍ତିରେ ସକାଳ ୮.୩୦ ମିନିଟ ରେ ପୁଷ୍ପମାଲ୍ୟ ଅର୍ପଣ ସହ ଦିନ ୧୧ ଘଟିକାରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ସଂଘର ବାର୍ଷିକ ବିବରଣୀ ପାଠ ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ଓ ବିଭିନ୍ନ ବିଷୟରେ ଆଲୋଚନା ହେବ। ଏହାପରେ ସମସ୍ତଙ୍କ ପାଇଁ ମଧ୍ୟାନଭୋଜନର ବ୍ୟବସ୍ଥା କରାଯିବ ବୋଲି ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଜିଲ୍ଲା ଶାଖାର ଏକ ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସହ ମାସିକ ୩୦ ଟଙ୍କା ଲେଖାଏଁ ସଦସ୍ୟ ତା ଦେୟ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଲାରାଜୁ ପାଢ଼ୀ, ପ୍ରମୋଦିକୁମାର ପଣ୍ଡା, ରଞ୍ଜିତ ନାୟକ, କଳ୍ପତରୁ ନାୟକ, ବାବାଜୀ ଚରଣ ନାୟକ, ମନୋରଞ୍ଜନ ବେହେରା, ସୁରେନ୍ଦ୍ର କୁମାର ମଲ୍ଲିକ, ଅଲେଖ କୁମାର ପାତ୍ର , ସରୋଜ କୁମାର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପିଏଚ୍‌ସି ଜାଙ୍ଗିଲିରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ



ରାୟଗଡ଼ା,୧୪।୧୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ପିପଲଗୁଡା ଗ୍ରାମପଞ୍ଚାୟତର ଜାଙ୍ଗିଲି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ସେବାର ସୁବିଧା ଉପଲବ୍ଧ ହୋଇଛି। ପୂର୍ବରୁ ଉକ୍ତ ଅଞ୍ଚଳକୁ କୌଣସି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କଲେ ତାହା ସିଏଚସି ଜେମାଦେଇପେଣ୍ଠରୁ ପାହାଡିଆ ଦୁର୍ଗମ ଅଞ୍ଚଳରେ ଥିବା ବାଇସିଂ, ଡାଙ୍ଗଲୋଡି, କାରୁବାଇ, ପିପଲଗୁଡା, ବଡ ଆଲୁବାଡି, ମୀରାବାଲି, ଦୁର୍ଗାପାଡୁ, ବୈରାଗୀ ହାଲୁଆ ଭଳି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ପହଞ୍ଚିବାରେ ବିଳମ୍ବ ହେଉଥିବା ବେଳେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣକୁ ଦୃଷ୍ଟିରେ ରଖି ତଥା ଅଞ୍ଚଳବାସୀଙ୍କୁ ଜରୁରୀକାଳନୀ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଜାଙ୍ଗିଲି ପିଏଚସିରେ ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା,"ଖ'ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି ପଦ୍ମାବତୀ ମାଣ୍ଡାଙ୍ଗି,ପିପଲଗୁଡା ସରପଂଚ ରେଣୁକା ମାଣ୍ଡାଙ୍ଗି, ମୀରାବାଲି ସରପଞ୍ଚ ଅଶୋକ ପୁଆଲାଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟସଭ୍ୟାମାନେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ଉକ୍ତ ଅଞ୍ଚଳର ବାସିନ୍ଦା ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା ଓ ସମାଜସେବୀ ସତ୍ୟବାନ ମାଣ୍ଡାଙ୍ଗି ଧନ୍ୟବାଦ ଜଣାଇଛନ୍ତି।

## 'ହାଲ୍'ର ଅତିରିକ୍ତ ମହାପ୍ରବନ୍ଧକଙ୍କ ପିଏଚ୍‌ଡି ଲାଭ



ସୁନାବେଡା,୧୪।୧୨(ସମିସ): ସୁନାବେଡା ହାଲର ଅତିରିକ୍ତ ମହାପ୍ରବନ୍ଧକ ଅରବିନ୍ଦ ସ୍ୱାମୀ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଅଧୀନରେ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ " ମ୍ୟାନେଜମେଣ୍ଟରେ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ କରିଛନ୍ତି। ଶ୍ରୀ ସ୍ୱାମୀଙ୍କ ସନ୍ଦର୍ଭ" ଉଦ୍ୟୋଗ: ସ୍ଥାୟୀ କାର୍ଯ୍ୟଦକ୍ଷତାର ପରିମାପ: ଏକ ଅନୁସନ୍ଧାନ ମୂଳକ ଅଧ୍ୟୟନ " ଏସଆରଏମ ବିଶ୍ୱବିଦ୍ୟାଳୟ, ଅମରାବତୀ, ଆନ୍ଧ୍ର ପ୍ରଦେଶର ପ୍ରଫେସର ଡକ୍ଟର ରମଣା ରାଓଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଶ୍ରୀ ଅରବିନ୍ଦ ସ୍ୱାମୀ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପଟିଙ୍କ ଠାରୁ ନିଜର ପିଏଚଡି ଡିଗ୍ରୀ ଗ୍ରହଣ କରିଥିଲେ। ଶ୍ରୀ ସ୍ୱାମୀଙ୍କ ଏହି ସଫଳତା ଯୋଗୁଁ ସବୁ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ରାୟଗଡ଼ା ଗସ୍ତ

# ପର୍ଯ୍ୟଟନ ଓ ଶିଶୁ ବିକାଶରେ ଅବହେଳିତ ରାୟଗଡ଼ା

ରାୟଗଡ଼ା,୧୪।୧୨(ସମିସ):



- ଜିଲ୍ଲାରେ ନାହାନ୍ତି ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ
- ଅପପୃଷ୍ଟି ଓ ରକ୍ତହୀନତା ସ୍ଥିତି ଉଦବେଗଜନକ
- ଅଧିକାଂଶ ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ନାହିଁ ବିଦ୍ୟୁତ୍ ସଂଯୋଗ

ସୋମବାର ଦିନିକିଆ ରାୟଗଡ଼ା ଗସ୍ତରେ ଆସୁଛନ୍ତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ବିଭାଗୀୟ ମନ୍ତ୍ରୀ ପ୍ରଭାତି ପରିଡା। ରାୟଗଡ଼ା ରେଳ ଷ୍ଟେସନରେ ସୋମବାର ଦିନ ଦକ୍ଷିଣ ଭାରତର ରାମେଶ୍ୱରମ ଓ ମଦୁରାଇ ତୀର୍ଥସ୍ଥଳ ପରିଭ୍ରମଣରେ ବରିଷ୍ଠ ନାଗରିକଙ୍କ ରେଳଯାତ୍ରାକୁ ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ତେବେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସବୁଜବନାନୀରେ ଭରା ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ପର୍ଯ୍ୟଟନ ବିକାଶର ଅପାର ସମ୍ଭାବନା ରହିଥିବା ବେଳେ ଜିଲ୍ଲା ଗଠନର ୩୨ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଗତ କିଛି ବର୍ଷ ଧରି ସ୍ଥାୟୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ ନିଯୁକ୍ତି ତଥା ଜିଲ୍ଲା କାର୍ଯ୍ୟାଳୟଟିଏ ସ୍ଥାପନା ହୋଇପାରି ନାହିଁ। ବର୍ତମାନ ଜଣେ ଭାରପ୍ରାପ୍ତ ଅଧିକାରୀ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ଅତିରିକ୍ତ ଦାୟିତ୍ୱ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପର ବିକାଶକୁ ଆଗେଇ ନେଇ ପାରୁ ନ ଥିବା ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ସେହିପରି ଜିଲ୍ଲାରେ ଗତ ୫ବର୍ଷ ମଧ୍ୟରେ ୭୧୩୧ଜଣ ଶିଶୁ ଅପପୃଷ୍ଟିର ଶୀକାର ହୋଇଥିବା ବେଳେ ୮୧୭୧ଜଣ ଗର୍ଭବତୀ ମହିଳା ରକ୍ତହୀନତାର ଶୀକାର ହୋଇଥିବା ନେଇ ଚଳିତ ବର୍ଷ ବିଧାନସଭାର ଶୀତ ଅଧିବେସନରେ ରାୟଗଡା ବିଧାୟକ କାଡ୍ରକା ଆପାଲସ୍ୱାମୀଙ୍କ ଅଣସଂରକ୍ଷିତ ପ୍ରଶ୍ନର ଉତରରେ ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡା ତଥ୍ୟ ଉପସ୍ଥାପନା କରିଥିଲେ। ଯେଉଁଥିରେ ଜିଲ୍ଲାରେ ଅପପୃଷ୍ଟି ଓ ରକ୍ତହୀନତା ଭଳି ରୋଗର ଶୀକାର ହେଉଥିବା ଶିଶୁ ଓ ମହିଳାଙ୍କ ସ୍ଥିତି ଉଦବେଗଜନକ ରହିଛି ବୋଲି ଜଣାଯାଏ। ଅପରପକ୍ଷେ ରାୟଗଡ଼ା ଜିଲ୍ଲାର ୫୦୪ଟି ଅଙ୍ଗନବାଡି କେନ୍ଦ୍ରରେ ଦୁଇଟି ପର୍ଯ୍ୟାୟରେ ଏଲଇଡି ଟିଭି କ୍ରୟ କରାଯାଇଥିଲା। ହେଲେ ଅଧିକାଂଶ ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ କେଉଁ କେନ୍ଦ୍ରରେ ଟିଭି କାନ୍ଥରେ ଝୁଲୁଛି ତ ଆଉ କେଉଁ କେନ୍ଦ୍ରରେ ଅଳିଆ ସାମଗ୍ରୀ ଭଳି ପଡିରହିଛି। ଫଳରେ ଗତ ଏପ୍ରିଲ ମାସରେ ଚଢ଼ାଦରରେ ଏହି ଟିଭି ଗୁଡିକ କ୍ରୟ କରାଯାଇଥିବା ବେଳେ ପରିତାପର ବିଷୟ ଏହି ଟିଭି ପିଲାମାନଙ୍କ ସ୍ୱାର୍ଥରେ ଲାଗୁ ନ ଥିବା ଜଣାପଡିଛି। ଜିଲ୍ଲାର ୫୦୪ଗୋଟି କେନ୍ଦ୍ର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୯ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୩୭୫ଟି ଟିଭିକୁ ୧କୋଟି ୧୦ଲକ୍ଷ ୬୨ହଜାର ୫ଶହ ଟଙ୍କାରେ ଅତି ଚଡା ଦରରେ ଅର୍ଥାତ୍ ଗୋଟିଏ ଟିଭି ପିଛା ୨୯,୫୦୦ଟଙ୍କା ବ୍ୟୟରେ ଏକ ନିଦିଷ୍ଟ ସଂସ୍ଥାକୁ ସୁହାଇଲା ଭଳି କିଣାଯାଇ କେନ୍ଦ୍ରଗୁଡିକୁ ଯୋଗାଣ ହୋଇଛି। ଏହାର ଉଦାହରଣକୁ ଯଦି ନିଆଯାଏ ତେବେ ସଦର ରାୟଗଡ଼ା ବ୍ଲକର ଜାଙ୍ଗିଲି ଓ ଶିକାବାଡି ଗ୍ରାମର ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ଟିଭି ଯୋଗାଣ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ନ ଥିବାରୁ ଏହା ପିଲାଙ୍କ କାମରେ ଆସୁ ନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗର ଜିଲ୍ଲା ଅଧିକାରୀମାନେ ଏହି ଘଟଣାରେ ମୁହଁ ଖୋଲୁ ନ ଥିବା ବେଳେ ମନ୍ତ୍ରୀ ଏହି ଘଟଣାକୁ ନେଇ ତଦନ୍ତର ନିର୍ଦ୍ଦେଶ ଦେବେ କି ବୋଲି ସାଧାରଣରେ ଆଲୋଚନା ହେଉଛି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କଲେ ଜିଲ୍ଲାପାଳ

କୋରାପୁଟ,୧୪।୧୨(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।ଏହି ଯାତ୍ରାରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ ଏବଂ ୪ଟି ପୌରପାଳିକାରୁ ୧୬୮ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଗସ୍ତ କରୁଛନ୍ତି। ଏହି ଯାତ୍ରାରେ ୭୯ ଜଣ ପୁରୁଷ ଓ ୮୯ ଜଣ ମହିଳା ରହିଥିବା ଜଣାପଡିଛି।ପ୍ରଥମେ ପର୍ଯ୍ୟାୟରେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ସହ ସେମାନଙ୍କୁ କିଛି କିଛି ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦାନ କରି ସମସ୍ତ ତୀର୍ଥଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କୁ ଯାତ୍ରାପାଇଁ ଶୁଭ କାମନା କରିଥିଲେ। ତୀର୍ଥ ଯାତ୍ରୀମାନେ ଆଜି ସ୍ୱତନ୍ତ୍ର ବସ ଯୋଗେ ରାୟଗଡାକୁ ଗସ୍ତ କରିଥିବା ବେଳେ ଆସନ୍ତାକାଲି ସ୍?ତନ୍ତ୍ର ଟ୍ରେନ ଯୋଗେ ରାୟଗଡାରୁ ରାମେଶ୍?ରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିବେ।ବରିଷ୍ଠ ନାଗରିକଙ୍କ ୬ ଦିନର ଯାତ୍ରା ରହିଥିବା ଜଣାପଡିଛି।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ ପରିଚାଳନା କରିଥିଲେ।




## ବିଦେଶୀ ମଦ ଜବତ

ଉମରକୋଟ,୧୪।୧୨ (ସମିସ) କିରାନା ଦୋକାନରୁ ୩୦ ହଜାର ଟଙ୍କାର ବିଦେଶୀ ମଦ ଜବତ କରିଛି ଉମରକୋଟ ପୋଲିସ। କୌଣସି ବିଶେଷ ସୂତ୍ରରୁ ଖବର ପାଇ ଥାନା ଆଇଆଇସି ରମାକାନ୍ତ ସାଏ ଓ ପୋଲିସ ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ପୋଲିସ ଟିମ୍ ଉମରକୋଟ ସହର ନିକଟସ୍ଥ ୟୁ ଭି ୧ ବଡ କୁମାରୀ ଗାଁର ଅଜୟ ମିସ୍ତ୍ରୀଙ୍କ କିରଣା ଦୋକାନ ଉପରେ ଚଢ଼ଉ କରିଥିଲେ। ପୋଲିସ ଦୋକାନରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିବା ସହ ଅଜୟ ମିସ୍ତ୍ରୀକୁ ଥାନାରେ ଅଟକ ରଖିଛି। ତେବେ ଜବତ ବିଦେଶୀ ମଦ ପାଖାପାଖି ଲିଟର ହେବ ଯାହାର ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

### ● ଏମ୍‌ଭି ୨୬ ଗାଁରେ ରେଡକ୍ରସ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ

## ପୋଡ଼ାଜଳା ଘଟଣାରେ ଆଉ ୧୨ ଗିରଫ

ମାଲକାନଗିରି, ୧୪।୧୨(ସମିସ) ଓଡିଶା ରେଡକ୍ରସ ଶାଖା ପକ୍ଷରୁ ଏମଭି ୨୬ ଗ୍ରାମର ପୀଡ଼ିତଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଛି। ଆଜି ଏକ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ଭୁବନେଶ୍ୱରରୁ ରିଲିଫ୍ ସାମଗ୍ରୀ ବୋଝେଇ ଏକ ଟ୍ରକ୍ ଏମଭି ୨୬ ଗ୍ରାମ ପହଞ୍ଚିଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ରହି ଏମଭି ୨୬ ଗ୍ରାମର ପୀଡିତ ମାନଙ୍କୁ ବିଭିନ୍ନ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି। ଆଜି ଏମଭି ୨୬ ଗ୍ରାମର ସମୁଦାୟ ୧୯୮ ପରିବାରଙ୍କୁ ଏହି ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଆଜି କମ୍ବଳ, କିଚେନ୍ ସେଟ୍, ଟାରପଲିନ୍, ଶାଢ଼ୀ, ଗାମୁଛା, ଲୁଙ୍ଗି, ବାଲ୍ଟି, ମଗ୍, ଜାରକିନ୍ ସମେତ ୨ ରୁ ୩୦ ବର୍ଷୀୟ ଙ୍କ ପାଇଁ ପୋଷାକ ବଣ୍ଟନ କରାଯାଇଛି। କୋରକୁଣ୍ଡା ବିଡିଓ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁନା ଡୁରୁକ୍ ଉପସ୍ଥିତ ରହି ସମସ୍ତ ରିଲିଫ୍ ବଣ୍ଟନ କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ରେଡକ୍ରସ ଶାଖା ସଦସ୍ୟ ମାନେ ମଧ୍ୟ ଉପସ୍ଥିତ ରହି ରିଲିଫ୍ ସାମଗ୍ରୀ ବଣ୍ଟନରେ ସହାୟତା କରିଥିଲେ। ପୂର୍ବରୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ପୀଡିତ ମାନଙ୍କୁ କମ୍ବଳ, ଶାଢ଼ୀ, ଲୁଙ୍ଗି, ଗାମୁଛା, ବିଛଣା ଓ ପଲିଥିନ ଯୋଗାଇ ଦିଆ ଯାଇଥିଲା। ଆଜି ମଧ ସମସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ଆରଏଫ୍ ବାହିନୀ ପକ୍ଷରୁ ଏମଭି ୨୬ ରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଗ୍ରାମରେ ଶାନ୍ତି ଫେରିଛି। ଗ୍ରାମବାସୀ ନିଜ ନିଜ ଘରକୁ ଫେରିଛନ୍ତି। ଆଜି ଲୋକସଭା ସାଂସଦ ବଳଭଦ୍ର ମାଝୀ ମାଲକାନଗିରି ଗସ୍ତ କରିଛନ୍ତି। ସର୍କିଟ ହାଉସ୍ ଠାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ଏମ୍‌ପି ଆଦିବାସୀ ସମାଜ ଓ ବଙ୍ଗାଳୀ ସମାଜ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କିଣା କୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି।



ଡ଼ିସେମ୍ବର ୨୪ ରୁ ଜିଲ୍ଲା ରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏମ୍‌ଭି ୨୬ରେ ପୋଡାଜଳା ଘଟଣାରେ ଆଜି ପୁଣି ପୁଲିସ ୧୨ ଜଣଙ୍କୁ ଗିରଫ କରିଛି। ଏହାକୁ ମିଶାଇ ଗିରଫ ସଂଖ୍ୟା ୧୮ ରେ ପହଞ୍ଚିଛି।

### ● ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଚୟନ

## ଅକ୍ଷୟ ପାତ୍ର ସଭାପତି ଓ ସଂଯୁତ କୁମାର ନନ୍ଦ ସଂପାଦକ



କୋରାପୁଟ,୧୪।୧୨(ସମିସ): ପୂଜାରୀପୁଟ ରାମ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାନ୍ତ ଉପସଭାପତି ଭକ୍ତ ଚରଣ ସାହୁ ପଦ୍ମପୁର ବରଗଡ଼,ପ୍ରଫୁଲ୍ଲ ପାତ୍ର ପ୍ରାନ୍ତ ଉପସଭାପତି ରାୟଗଡା, ରାମଚନ୍ଦ୍ର ନାୟକ ବିଭାଗ ସଙ୍ଗଠନ ସମ୍ପାଦକ କଳାହାଣ୍ଡି ଓ ଜିଲ୍ଲା ସଂପାଦକ, ଜୟପୁର କମଳା କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ କୋରାପୁଟ ଜିଲ୍ଲା ସମିତିର ପ୍ରାୟ ଆଠ ଗୋଟି ବ୍ଲକର ଶତାଧିକ ହିନ୍ଦୁ କର୍ମୀ ଯୋଗ ଦେଇଥିଲେ। ନୂତନ କାର୍ଯ୍ୟକାରୀ ସମିତି ଗଠନ କରାଯାଇଛି। ଏହି ସମିତିର ସଭାପତି ଭାବେ ଅକ୍ଷୟ ପାତ୍ର, ଉପସଭାପତି ଭାବେ ପ୍ରଭୁପଦ ମିଶ୍ର, ସମ୍ପାଦକ ଭାବେ ସଂଯୁତ କୁମାର ନନ୍ଦ, ସହ ସମ୍ପାଦକ ଭାବେ ସୁଶାନ୍ତ ପାଣିଗ୍ରାହୀ, ସତସଙ୍ଗ ପ୍ରମୁଖ ଭାବେ ଯୋଗେଶ୍ୱର ନାଗ, ବଜରଙ୍ଗ ଦଳ ସଂଯୋଜକ ଭାବେ ସିଏଚ ବୁଜିଙ୍ଗା ଆଚାରୀ, ସହ ବଜରଙ୍ଗ ଦଳ ସଂଯୋଜକ କେ ରବି କୁମାର, ମାତୃଶକ୍ତି ପ୍ରମୂଖ ଭାବେ ଉଷା ପଟନାୟାକ, ବିଧି ପ୍ରକୋଷ୍ଠ ଭାବେ ପ୍ରଭାତ ମହାପାତ୍ର, ଧର୍ମାଚାର୍ଯ୍ୟ ପ୍ରମୁଖ ଭାବେ ତ୍ରିନାଥ ଗୁରୁ, ମଠ ମନ୍ଦିର ପ୍ରମୁଖ ହେଲେ ପ୍ରଭାତ କୁମାର ରଥ ,ପ୍ରଚାର ପ୍ରମୁଖ ହେଲେ ଗୋପାଳ ପାଢ଼ୀ।ଏହି ସମିତି କିଭଳି ସଂଘ ପରିଚାଳନା କରିବେ ଓ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପ୍ରାନ୍ତ ଉପସଭାପତି ଭକ୍ତ ଚରଣ ସାହୁ ସମସ୍ତଙ୍କୁ ବୁଝାଇଥିଲେ। ଶେଷରେ ବିଭାଗ ସଂଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଷମକଟକ ବ୍ଲକ୍‌ସ୍ତରୀୟ 'ଚଇତି ୨୦୨୫'

# ଆଦିବାସୀ ନୃତ୍ୟରେ ଦୁଲୁକିଲା ଚଇତି ମଞ୍ଚ






ବିଷମକଟକ,୧୪।୧୨ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକରେ ଲୋକକଳା ଓ ସଂସ୍କୃତିର ମହାପର୍ବ ଲୋକ ମହୋତ୍ସବ ଚଇତି ୨୦୨୫ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଆନୁକୂଲ୍ୟରେ ହୋଇଥିବା ଚଇତି ଅବସରରେ ବିଷମ କଟକ ସହରର ଅଧିଷ୍ଠାତ୍ରୀ ଦେବୀ ମା ମାର୍କମା ମନ୍ଦିରରେ ପୂଜାର୍ଚ୍ଚନା କରି କଳସ ଯାତ୍ରା ବାଜା ବାଜେଣିରେ ସହର ପରିକ୍ରମା କରି ଚଇତି ମଣ୍ଡପରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ବିଷମ କଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲା ପରିଷଧ ଅଧ୍ୟକ୍ଷା ସରସ୍ୱତୀ ମାଝୀ ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ତହସିଲଦାର ଭେଙ୍କେଟେଶ୍ୱର ରେଡ୍ଡୀ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ,ସୁଜାତା କାଡ୍ରାକା ଓ ବିଜୟଶାନ୍ତି କୁମ୍ଭରିକା ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ,ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଚଇତି ମହତ୍ସବ ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଲୋକାୟତ ପ୍ରତିଭାକୁ ଉତ୍ସାହିତ କରିବା ସହ ସେମାନଙ୍କ କଳା ଓ ସଂସ୍କୃତି କେମିତି ବିଶ୍ୱ ଦରବାରରେ ପହଞ୍ଚିବ ସେ ନେଇ ଜିଲ୍ଲା ପ୍ରଶାସନର ଏହା ଏକ ପ୍ରୟାସ। ରାୟଗଡା ଜିଲ୍ଲାର ୧୧ଗୋଟି ବ୍ଲକରେ ଆୟୋଜିତ ହୋଇଆସୁଛି ଚଇତି ମହୋତ୍ସବ । ପ୍ରତ୍ୟେକ ବ୍ଲକ ସ୍ତରୀୟ ଚଇତିରେ ବଛାଯାଇଥିବା ପ୍ରତିଭା ଜିଲ୍ଲା ସ୍ତରରେ ଆୟୋଜିତ 'ଚଇତି'ରେ ସ୍ଥାନ ପାଇବେ। ଏହି ଚଇତି ମହାତ୍ସବରେ ମହିଳା ମଣ୍ଡଳ ସଦସ୍ୟା, ମିଶନ ଶକ୍ତି କର୍ମଚାରୀ, ଅଙ୍ଗନବାଡି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀ ମାନେ ଯୋଗଦେଇ ଥିଲେ। ଚଇତି ମଣ୍ଡପ ମଞ୍ଚରେ ମୁଖ୍ୟ ଅତିଥି ସମେତ ସମସ୍ତ ସମ୍ମାନିତ ଅତିଥି ମଞ୍ଚାସୀନ ହୋଇଥିଲେ। ମଞ୍ଚ ପରିସରରେ ବିଭିନ୍ନ ବିଭାଗର ୧୦ଟି ବିଭିନ୍ନ ଷ୍ଟଲ ଲାଗିଥିବା ବେଳେ ଅତିଥି ମାନେ ଏ ସମସ୍ତ ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଇତି ଅବସରରେ ଚଇତି କମିଟି ତରଫରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସାଙ୍ଗକୁ ଝୋଟି, ଡିବେଟ୍, ଗୀତ, ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏଥି ସହିତ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବରିଷ୍ଠ ନାଗରିକମାନଙ୍କୁ ଉତ୍ତରୀୟ ଏବଂ ମାନପ୍ରତ ପ୍ରଦାନ କରାଯାଇଛି। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବିଷମ କଟକ ବିଧାୟକ ବିଧାୟକ ନୀଳ ମାଧବ ହିକ୍‌କା ମୁଖ୍ୟ ଅତିଥି ଭାବେ ମଞ୍ଚାସିନ ଥିବା ବେଳେ ବିଷମ କଟକ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଚଇତି ପଡିଆ ପରିସରରେ ଅଙ୍ଗନବାଡି, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ,କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ତରଫରୁ ଷ୍ଟଲ ଗୁଡିକ ଖୋଲାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଇତି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ଲକ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ବ୍ଲକ ମଙ୍ଗଳ ବିଭାଗ ଅଧିକାରୀ ଶୁଭ ପ୍ରଦା ସାସମଲ. ବି.ଏସ.ଏସ.ଓ ମୁନ୍ନା ତାଡିଙ୍ଗି.ବି.ଏଫ.ଓ ମମିତା ପୂଜାରୀ. ସିପି ବିନାୟକ ମିଶ୍ର ଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଆଜିର ଏହ ଚଇତି କାର୍ଯ୍ୟକ୍ରମ ରେଭାଲେରି ଓଡ଼ିଆ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତାଦାସ ସିଆରସି ରାଜେଶ ବିଶ୍ୱାଳ ଓ ଲଳିତା ହିମିରିକା ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ




ରାୟଗଡା,୧୪।୧୨(ସମିସ):

ରାୟଗଡ଼ା ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନ ମେଳା ଆଜି ଉତ୍ସାହମୟ ପରିବେଶରେ ମହିଳା ମହାବିଦ୍ୟାଳୟ, ରାୟଗଡାଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ପରିଚାଳନାରେ ଏହି ମେଳାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ନିଜର ସୃଜନଶୀଳ ପ୍ରକଳ୍ପ, ମଡେଲ୍ ଓ ପ୍ରଦର୍ଶନୀ ସାମଗ୍ରୀ ନେଇ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନୀର ମୁଖ୍ୟ ବିଷୟ ପରିବେଶ ସୁରକ୍ଷା, ନବୀନ ଉର୍ଜା, ସମାଧାନ, ସ୍ୱାସ୍ଥ୍ୟ ଓ ସୁସ୍ଥତା, ଡିଜିଟାଲ୍ ନବୀନତା ଉପରେ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷାର୍ଥୀ ମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନ ମେଳାର ଉଦ୍‌ଘାଟନୀ ସଭାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁର ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ, ଡ. ଗୀତାଞ୍ଜଳି ପାତ୍ର, କ୍ୟାପଟେନ ରୀତା ରାଣୀ ମିଶ୍ର, କୈଳାଶ ଚନ୍ଦ୍ର ସାହୁ, ଚନ୍ଦନ ପ୍ରସ୍କା, ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଜେତା ଦଳମାନେ ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ରାଶି ପୁରସ୍କାର କରାଯାଇଥିଲା।

